EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ ସଂଖ୍ୟା-୫୨ ୦୭ - ୧୩ ଜାନୁଆରୀ, ୨୦୧୯ ଭୁବନେଶ୍ୱର Monday Weekly VOL-2 ISSUE-52 07th - 13th JANUARY, 2019 BHUBANESWAR ₹ 5/- (8 Pages)

ସତ୍ୟମେବ ଜୟତେ

ଭାରତ ସରକାର

## ପୂର୍ବୋଦୟରୁ
## ହେଉଅଛି ନୂଆ ଭାରତର ଉଦୟ

ଓଡ଼ିଶାର ବିକାଶ ପାଇଁ
**୪,୫୦୦ କୋଟି ଟଙ୍କାରୁ ଅଧିକ**
ମୂଲ୍ୟର ଆଉ ଏକ ଉପହାର ସମୂହ



## ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
**କରକମଳରେ**

### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

ପାରାଦ୍ୱୀପ-ହଳଦିଆ-ଦୁର୍ଗାପୁର ଏଲ୍‌ପିଜି ପାଇପ୍‌ଲାଇନ୍ ଅନ୍ତର୍ଗତ
ଆଇଓସିଏଲ୍‌ର ବାଲେଶ୍ୱର-ହଳଦିଆ-ଦୁର୍ଗାପୁର ସେକ୍ସନ

ଚିଲିକିଦରା-ସଗଡ଼ପଟା ଏବଂ ନରଣପୁର-ବସନ୍ତପୁର
ରେଳ ଲାଇନର ଦୋହରୀକରଣ

ବାଲେଶ୍ୱର ସ୍ଥିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ

### ସବୁଜ ପତାକା ପ୍ରଦର୍ଶନ

ଟାଟାନଗରରୁ ବାଦାମପାହାଡ଼ ପର୍ଯ୍ୟନ୍ତ ଦ୍ୱିତୀୟ ପାସେଞ୍ଜର ଟ୍ରେନ୍ ଚଳାଚଳ

### ଶିଳାନ୍ୟାସ

ଏନ୍ଏଚ୍-୨୧୫ର ରିମୁଳି-କୋଇଡ଼ା ଅଂଶର ୪ ଲେନ୍‌କରଣ (୪୩.୨ କିମି)
ଏନ୍ଏଚ୍-୬ର ସିଙ୍ଗଡ଼ା-ବିଂଜବାହାଲ ଅଂଶର ୪ ଲେନ୍‌କରଣ (୧୦୪.୨ କିମି)
ଏନ୍ଏଚ୍-୨୧୫ର କୋଇଡ଼ା-ରାଜାମୁଣ୍ଡା ଅଂଶର ୪ ଲେନ୍‌କରଣ (୫୩.୨୫ କିମି)
ଏବଂ

### ଶୁଭ ଉଦ୍‌ଘାଟନ

ହରିପୁରଗଡ଼ ସ୍ଥିତ ପ୍ରାଚୀନ ଦୁର୍ଗ ଏବଂ
ମୟୂରଭଞ୍ଜର ରସିକରାୟ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ

ଆସ୍କା, ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝର ସ୍ଥିତ ଡାକଘରେ
ପାସ୍‌ପୋର୍ଟ ସେବା କେନ୍ଦ୍ର

**ଶନିବାର, ୫ ଜାନୁୟାରୀ ୨୦୧୯, ଅପରାହ୍ଣ ୩.୦୦ ଘଟିକା । ବାରିପଦା, ଓଡ଼ିଶା**

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁଷମା ସ୍ୱରାଜ**
ବୈଦେଶିକ ବ୍ୟାପାର ମନ୍ତ୍ରୀ
ଭାରତ ସରକାର


**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ
ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପିୟୂଷ ଗୋଏଲ**
ରେଳ ମନ୍ତ୍ରୀ,
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ
ଭାରତ ସରକାର

**ଡ. ମହେଶ ଶର୍ମା**
ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସାଧୀନ ଦାୟିତ୍ୱ)
ଭାରତ ସରକାର



## କେମିତି କଟିବ ଏ ସପ୍ତାହ

**ମେଷ** ସାମାଜିକ କାର୍ଯ୍ୟରେ ଗୁରୁଦାୟିତ୍ୱ ନିର୍ବାହ କରିବେ। ନୂତନ କମ୍ପାନୀରେ ଚାକିରି ପ୍ରସ୍ତାବ ମିଳିବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ନୂତନ ଯାନ କ୍ରୟ କରି ଆନନ୍ଦିତ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। ରାଜନୀତିରେ ଆପଣଙ୍କ ଆଧିପତ୍ୟ ବଢ଼ିବ। ବ୍ୟବସାୟୀମାନେ ଆଶା କରିଥିବା ଲାଭ ପାଇବେ।

**ମିଥୁନ** ଭାଗ୍ୟ ଆପଣଙ୍କୁ ସାଥ ଦେବ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ଉପକୃତ ହେବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ରାଜନୀତିରେ ନେତୃତ୍ୱ ବଜାୟ ରଖିବା ଲାଗି କଠିନ ପରିଶ୍ରମ କରିବେ।

**କର୍କଟ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ପୂଜାପାଠରେ ଅଧିକ ସମୟ ବିତିବ। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ବିଫଳ ହେବେ।

**ସିଂହ** ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦେଶ ଯାତ୍ରାର ଯୋଜନା କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କନ୍ୟା** ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ମନ ବଳାଇବେ।

**ତୁଳା** ନୂତନ ଗୃହ କିମ୍ବା ଜମି କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ ଠାରୁ ଆର୍ଥିକ ସହଯୋଗ ମିଳିବ। କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରନ୍ତି।


**ବିଛା** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଉଚ୍ଚପଦାଧିକାରୀଙ୍କଠାରୁ ସମ୍ମାନ ଓ ପ୍ରଶଂସିତ ହେବେ। ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ।

**ଧନୁ** ଗୃହରେ ଛୋଟ ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ନୂତନ ଯାନ କ୍ରୟ କରି ଆନନ୍ଦ ଅନୁଭବ କରିବେ। ଆଶା କରିଥିବା କର୍ମରେ ସଫଳତା ନିଶ୍ଚୟ ପାଇବେ।

**ମକର** କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ପୁରାତନ ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟରେ କ୍ଷତି ସହିବେ। ବିବାହ ଆଶାୟୀମାନେ ଶୁଭ ସମ୍ବାଦ ପାଇବେ

**କୁମ୍ଭ** ଚାକିରିରେ ନିଯୁକ୍ତି ମିଳିବା ସମୟ ଆସିବ। କର୍ମ କ୍ଷେତ୍ରରେ ପ୍ରଶଂସା ଅର୍ଜନ କରିବେ। ଛାତ୍ରଛାତ୍ରୀମାନେ ସଫଳ ହେବେ। ଗୃହରେ ଆର୍ଥିକ ଅବସ୍ଥା ସୁଧୁରିଯିବ। ବୈବାହିକ ଜୀବନ ସୁଖମୟ ହେବ।

**ମୀନ** କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଠାରୁ ଅପମାନ ପାଇବେ। ନୂତନ ଜମି କିମ୍ବା ଗୃହ କ୍ରୟ କରି ଚିନ୍ତିତ ରହିବେ। କୋର୍ଟକଚେରୀରେ ଜଡ଼ିତ ହେବେ। ଆର୍ଥିକ ପରିସ୍ଥିତି ଧିରେ ଧିରେ ସୁଧୁରିବ।


ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପ୍ରଧାନମନ୍ତ୍ରୀ ଜନଧନ ଯୋଜନା : ଦୁଇ ତୃତୀୟାଂଶ ଜମାକାରୀ ସଫଳ

**ନୂଆଦିଲ୍ଲୀ :** ଆର୍ଥିକ କାରବାରରେ ବ୍ୟାଙ୍କ ସହ ସାମିଲ ହେବା ନେଇ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା। ବିଶେଷ କରି ଗ୍ରାମାଞ୍ଚଳ ଏବଂ ମଧ୍ୟମ ସହରାଞ୍ଚଳରେ ଯେଉଁମାନେ କେବେ ମଧ୍ୟ ବ୍ୟାଙ୍କ ଦ୍ୱାର ମାଡ଼ିନଥିଲେ ସେମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ବ୍ୟାଙ୍କିଙ୍ଗ କାରବାର ସହ ସମ୍ପୃକ୍ତ କରିବାକୁ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ନିହିତ ଥିଲା। ତେବେ ଏହି ଯୋଜନାର ସଫଳତାକୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା ବେଳେ ଦେଶର ମୋଟ ଜନଧନ ଜମାକାରୀମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ବ୍ୟାଙ୍କ କାରବାର କରିବାରେ ସଫଳ ହୋଇଥିବା ଜଣାପଡିଛି। ବିଗତ ଦୁଇ ବର୍ଷ ମଧ୍ୟରେ ଏହି ଶ୍ରେଣୀର ଜମାକାରୀ ମାତ୍ର ଥରକ ପାଇଁ ହେଲେ ମଧ୍ୟ ବ୍ୟାଙ୍କ କାରବାର କରିଥିବା ଜଣାପଡିଛି। ଦୁଇ ବର୍ଷ ମଧ୍ୟରେ ପ୍ରାୟ ୩୩.୫ କୋଟି ଜମାକାରୀ ବ୍ୟାଙ୍କ ବ୍ୟବସ୍ଥା ସହ ଜଡ଼ିତ ହୋଇଥିବା କୁହାଯାଇଛି। ପୂର୍ବରୁ ଯେଉଁମାନେ କେବେ ମଧ୍ୟ ବ୍ୟାଙ୍କରେ ଜମାଖାତା ଖୋଲିବାକୁ ଉତ୍ସାହିତ ହୋଇନଥିଲେ ସେମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ପାଇଁ ଏହି ଯୋଜନାରେ ପ୍ରାଧାନ୍ୟ ଦିଆଯାଇଥିଲା। ହେଲେ ଚଳିତ ବର୍ଷ ଅଗଷ୍ଟ ମାସରୁ କେବେ ବି ଜମାଖାତା ଖୋଲି ନଥିବା ଯୁବପିଢିଙ୍କୁ ଏହି ଯୋଜନାରେ ସାମିଲ କରିବା ନେଇ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅଣସଂଘଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ମାଇକ୍ରୋ କ୍ରେଡିଟ୍ ଏବଂ ପେନସନ୍ ଦେୟକୁ ନେଇ ସେମାନଙ୍କୁ ବ୍ୟାଙ୍କ ମାଧ୍ୟମରେ କାରବାର କରିବାକୁ ଏହି ଯୋଜନାରେ ଅଗ୍ରାଧିକାର ଦିଆଯାଇଥିଲା। ଜମାକରୀମାନଙ୍କ ମଧ୍ୟରୁ ଯେଉଁମାନେ ରୂପେ କାର୍ଡ ମାଧ୍ୟମରେ କାରବାର କରୁଥିଲେ ସେମାନଙ୍କୁ ମୃତ୍ୟୁଜନିତ ବୀମା ରାଶି ୧ ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ସେହିପରି ଯେଉଁମାନେ ଛୋଟ ଧରଣର ବ୍ୟବସାୟ ପାଇଁ ଋଣ ସହାୟତା ଚାହୁଁଥିଲେ ସେମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ଦିଆଯାଇଥିଲା। ସେହିପରି ଏହି ସୁବିଧା ପାଇବା କ୍ଷେତ୍ରରେ ବୟସ ସୀମାକୁ ୬୦ ରୁ ୬୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଂସଦରେ ଉପସ୍ଥାପନ କରାଯାଇଥିବା ସର୍ବଶେଷ ରିପୋର୍ଟ ଅନୁସାରେ ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ୬୫.୪୭ ଲକ୍ଷ ଜମାକାରୀଙ୍କୁ ଏହି ଓଭରଡ୍ରାଫ୍ଟ ସୁବିଧା ଯୋଗାଇ ଦେବାକୁ ଅନୁମୋଦନ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦.୭୫ ଲକ୍ଷ ବ୍ୟକ୍ତିଙ୍କୁ ଓଭରଡ୍ରାଫ୍ଟ ବାବଦରେ ଅର୍ଥ ଯୋଗାଇ ଦିଆଯାଇଛି। ଏବାବଦରେ ମୋଟ ୩୪୦.୧୯ କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ସରକାରୀ ସୂତ୍ରରେ କୁହାଯାଇଛି।

## ଆଧାର ଆଇନ ଉଲ୍ଲଙ୍ଘନ କଲେ ୧ କୋଟି ଜୋରିମାନା !

**ନୂଆଦିଲ୍ଲୀ :** ଆଧାର ଆଇନ ବ୍ୟବସ୍ଥାର ଉଲ୍ଲଙ୍ଘନ କରୁଥିବା ୟୁନିଟ୍‌ଗୁଡ଼ିକ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିବା ନେଇ ସରକାର ପ୍ରସ୍ତାବ ଜାରି କରିଛନ୍ତି। ଅର୍ଥାତ୍ ଯଦି କୌଣସି କମ୍ପାନୀ ଦ୍ୱାରା ନିୟମଗୁଡ଼ିକର ଉଲ୍ଲଙ୍ଘନ କରାଯାଏ, ତେବେ ସମ୍ପୃକ୍ତ କମ୍ପାନୀକୁ ୧ କୋଟି ଟଙ୍କାର ଅତିରିକ୍ତ ଜୋରିମାନା ପ୍ରଦାନ କରିବାକୁ ହେବ ବୋଲି ଜଣାପଡ଼ିଛି। ଆଧାରକୁ ନେଇ ବ୍ୟକ୍ତିଗତ ଚିନ୍ତା ସମ୍ବନ୍ଧିତ କାରଣରୁ ଆଧାର ଆଇନ ବ୍ୟବସ୍ଥାରେ ସଂଶୋଧନ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ଏଥିସହ ଭାରତୀୟ ବିଶିଷ୍ଟ ଚିହ୍ନଟ ପ୍ରାଧିକରଣ (ୟୁଆଇଡିଏଆଇ)କୁ ଆୟ ଉପରେ ଟିକସ ରିହାତିର ପ୍ରସ୍ତାବ ମଧ୍ୟ ଜାରି କରାଯାଇଛି। ବର୍ତ୍ତମାନ ଆଧାର ଆଇନ ଅନ୍ତର୍ଗତ ୟୁଆଇଡିଏଆଇ ନିକଟରେ କୌଣସି ବି ଉଲ୍ଲଙ୍ଘନକାରୀ ୟୁନିଟ୍ ବିରୋଧରେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ଅଧିକାର ନାହିଁ। ପ୍ରସ୍ତାବିତ ପରିବର୍ତ୍ତନ ଅନ୍ତର୍ଗତ ଆଧାର ରହିଥିବା ପିଲାଙ୍କ ନିକଟରେ ୧୮ବର୍ଷ ବୟସ ଅତିକ୍ରମ କରିବାର ୬ ମାସ ମଧ୍ୟରେ ଏହି ୧୨ଅଙ୍କ ବିଶିଷ୍ଟ ବାୟୋମେଟ୍ରିକ୍ ନମ୍ବରକୁ ରଦ୍ଦ କରିବାର ବିକଳ୍ପ ଉପଲବ୍ଧ ହେବ।

# ଗୃହ ଋଣର ସବ୍‌ସିଡି ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି

**ନୂଆଦିଲ୍ଲୀ :** ଗୃହ କିଣିବାକୁ ଇଚ୍ଛୁକ ଥିବା ଗ୍ରାହକଙ୍କ ପାଇଁ ଆଶ୍ୱସ୍ତିକର ଖବର। ପ୍ରଥମ ଥର ପାଇଁ ଗୃହ ଋଣର ସୁଧ ଉପରେ ମିଳୁଥିବା ସବ୍‌ସିଡି ଯୋଜନାକୁ କେନ୍ଦ୍ର ସରକାର ଆସନ୍ତା ୨୦୨୦ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅନ୍ତର୍ଗତ ବାର୍ଷିକ ୬ ଲକ୍ଷରୁ ୧୮ଲକ୍ଷ ଟଙ୍କା ମଧ୍ୟରେ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ବିଶେଷ ଫାଇଦା ହେବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ପ୍ରଥମକରି ଘର କିଣୁଥିବା ବ୍ୟକ୍ତିଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାୟ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ଏହି ଟଙ୍କାକୁ ସେ ଘର ବୁକିଂ, କନ୍‌ଷ୍ଟ୍ରକ୍ସନ୍ କିମ୍ବା ଫ୍ଲାଟ୍ ରିପର୍ଚେଜ୍‌ରେ ବ୍ୟବହାର କରିପାରିବେ। ତେବେ ମଧ୍ୟମ ଆୟବର୍ଗରେ କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ସ୍କିମ୍ (ସିଏଲ୍‌ଏସ୍‌ଏସ୍)ର ଉନ୍ନତ ପ୍ରଦର୍ଶନ ରହିଛି ଏବଂ ବର୍ଷ ଶେଷସୁଦ୍ଧା ଏହି ଯୋଜନାରୁ ଲାଭାନ୍ୱିତ ହେଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୧ ଲକ୍ଷରେ ପହଞ୍ଚିବାର ଆଶା ରହିଛି ବୋଲି କେନ୍ଦ୍ର ସହର ବିକାଶ ମନ୍ତ୍ରୀ ହରଦୀପ ସିଂହ ପୁରୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଏହି ଆୟବର୍ଗରେ ପ୍ରାୟ ୯୩ ହଜାର ହିତାଧିକାରୀ କେନ୍ଦ୍ର ସରକାରଙ୍କ ଠାରୁ ୧,୯୬୦ କୋଟି ଟଙ୍କାର ସୁଧ ସବ୍‌ସିଡି ହାସଲ କରିସାରିଛନ୍ତି। ବ୍ୟାଙ୍କ ଜରିଆରେ ସେମାନଙ୍କୁ ଏହି ରିହାତି ମିଳିଥିବା ଉଲ୍ଲେଖ କରାଯାଇଛି। ୨୦୧୬ ଡିସେମ୍ବର ୩୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଜରିଆରେ ମଧ୍ୟମ ଶ୍ରେଣୀର ଦୁଇଟି ବର୍ଗକୁ ଘର କିଣିବାରେ ସରକାରୀ ସହାୟତା ମିଳିଛି। ପୂର୍ବରୁ ଏହି ଯୋଜନାର ସମୟସୀମାକୁ ଦୁଇ ଦୁଇ ଥର ବଢ଼ାଯାଇଛି। ତେବେ ୨୦୧୯ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ଏହାର ସମୟସୀମା ଥିଲା, ଯାହାକୁ ଏବେ ବଢ଼ାଯାଇ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି। ଅଧିକାରୀଙ୍କ ମତରେ ଏହି ଯୋଜନା କାରଣରୁ ମଧ୍ୟମ ଆୟବର୍ଗ ସହ ଜଡ଼ିତ ସମସ୍ତ ଲୋକଙ୍କୁ ନୂତନ ଘର କିଣିବାରେ ବେଶ୍ ସହାୟତା ମିଳିବ। ଏହି ଆୟବର୍ଗକୁ ଦୃଷ୍ଟିରେ ରଖି ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିବା ବିଲ୍ଡରମାନଙ୍କ ପାଇଁ ମଧ୍ୟ ଏହା ଏକ ଉନ୍ନତ ସଂକେତ। ସେହିପରି ବ୍ୟାଙ୍କଗୁଡ଼ିକ ବି ମଧ୍ୟମ ଶ୍ରେଣୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକ ଆକର୍ଷଣୀୟ ସୁଧ ଯୋଜନା ଶୁଭାରମ୍ଭ କରିଛନ୍ତି।

# ପାକିସ୍ତାନ ପାଇଁ ଚୀନ ନିର୍ମାଣ କରୁଛି ଅତ୍ୟାଧୁନିକ ଯୁଦ୍ଧଜାହାଜ



**ବେଜିଂ :** ଯେ କୌଣସି ପାଣିପାଗରେ ସମୁଦ୍ର ବକ୍ଷରେ ଶତ୍ରୁପକ୍ଷକୁ କଡ଼ା ମୁକାବିଲା କରିବା ଭଳି ଚାରୋଟି ଶକ୍ତିଶାଳୀ ଓ ଅତ୍ୟାଧୁନିକ ଯୁଦ୍ଧଜାହାଜ ତିଆରି କରୁଛି ଚୀନ୍ ଖାସ୍ ପାକିସ୍ତାନ ପାଇଁ। ଭାରତ ମହାସାଗରରେ ପାକିସ୍ତାନକୁ ଶକ୍ତିଶାଳୀ ରୂପେ ଗଢ଼ିତୋଳିବା ପାଇଁ ଚୀନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନିର୍ମାଣାଧୀନ ଯୁଦ୍ଧଜାହାଜରେ ସାଗର ବକ୍ଷରେ ଶତ୍ରୁ ଜାହାଜ ଠାବ ଓ ଲକ୍ଷଭେଦ କୌଶଳ ଖଞ୍ଜାଯିବ। ବୁଡ଼ାଜାହାଜ ଓ ବିମାନକୁ ଭେଦ କରିବା ଭଳି କୌଶଳମାନ ପ୍ରୟୋଗ କରାଯିବ। ଚୀନର ରାଷ୍ଟ୍ରାୟତ୍ତ ଜାହାଜ ନିର୍ମାଣ ନିଗମର ସାଂଘାଇ ୟୁନିଟ୍‌ରେ ଜାହାଜ ନିର୍ମାଣ ଚାଲିଛି। ଚୀନ୍-ପାକିସ୍ତାନ ମିଳିତ ବୈଠକରେ ଗ୍ରହଣ କରାଯାଇଥିବା ବୁଝାମଣା ଅନୁସାରେ ପାକିସ୍ତାନର ଜଳ, ସ୍ଥଳ ଓ ଆକାଶକ୍ଷେତ୍ରକୁ ସୁରକ୍ଷିତ ରଖିବା ପାଇଁ ଚୀନ-ପାକିସ୍ତାନ ମିଳିତ ଭାବେ ଗୋଟିଏ ଇଞ୍ଜିନ୍ ବିଶିଷ୍ଟ ବହୁମୁଖୀ ଯୁଦ୍ଧ ବିମାନ ନିର୍ମାଣ କରୁଛନ୍ତି। ଚୀନ୍‌ଠାରୁ ଯୁଦ୍ଧଜାହାଜ ପାଇବା ପରେ ପାକିସ୍ତାନର ନୌଶକ୍ତି ଭବିଷ୍ୟତର ଚାଲେଞ୍ଜକୁ ସାମ୍ନା କରିପାରିବ ବୋଲି ପାକ୍ ନୌସେନା ମତବ୍ୟକ୍ତ କରିଛି। କେବଳ ସେତିକି ନୁହେଁ, ଆନ୍ତର୍ଜାତିକ ସାମୁଦ୍ରିକ ଲାଇନ୍‌ରେ ପାଟ୍ରୋଲିଂ କରିପାରିବ। ଏବେ ଭାରତ ମହାସାଗରରେ ପାକିସ୍ତାନ ନୌସେନାର ସ୍ଥିତି ଦୁର୍ବଳ ଅଛି। ପାକିସ୍ତାନର ନୌବାଣିଜ୍ୟ ଓ ସାମୁଦ୍ରିକ କ୍ଷେତ୍ରକୁ ମଜଭୁତ୍ କରିବା ପାଇଁ ଚୀନ୍ ପାକିସ୍ତାନ ଉପକୂଳରେ ଗ୍ୱାଦାର ବନ୍ଦର ନିର୍ମାଣ କରୁଛି। ଭାରତକୁ ଏକପ୍ରକାର ଅଡୁଆ ପରିସ୍ଥିତିରେ ପକାଇବା ପାଇଁ ଚୀନ୍ ଛାୟାଯୁଦ୍ଧ ଚଳାଇଛି। ଏହି ଯୁଦ୍ଧରେ ପାକିସ୍ତାନ ଓ ଶ୍ରୀଲଙ୍କାକୁ ସାମିଲ କରିଛି ଚୀନ୍। ଚୀନ୍ କୂଟନୈତିକ ଚାଲ ଖେଳି ଶ୍ରୀଲଙ୍କାର ଜିବୁତୀ ସାମରିକ ଘାଟିକୁ ଏକପ୍ରକାର ହାତକୁ ନେଇସାରିଛି। ତା' ସହିତ ହମ୍ବନ୍‌ତୋଟା ବନ୍ଦରକୁ ୯୯ ବର୍ଷ ପାଇଁ ଅଧିଗ୍ରହଣ କରିଛି। ନିକଟରେ ଚୀନ୍ ନ୍ୟୁୟର୍କ ଟାଇମ୍ସକୁ ସାକ୍ଷାତକାର ଦେଇ ପାକିସ୍ତାନ ପାଇଁ ଯୁଦ୍ଧ ବିମାନ ନିର୍ମାଣ ପ୍ରସ୍ତାବକୁ ଅସ୍ୱୀକାର କରିଥିଲା। ଚୀନ୍-ପାକିସ୍ତାନର ଅର୍ଥନୈତିକ କରିଡର 'ସିପିଇସି'କୁ ଭାରତ ପ୍ରତିବାଦ କରିଆସୁଛି। ପ୍ରସ୍ତାବିତ ସିପିଇସି ପରିସରରେ ପାକ୍ ଅଧିକୃତ କଶ୍ମୀର୍ ଆସୁଥିବାରୁ ଭାରତ ପ୍ରତିବାଦ କରିଛି। ଚୀନ୍ ନିର୍ମିତ ଉପଗ୍ରହ ଗତିବିଧି ସିଷ୍ଟମ୍ ଗ୍ରହଣ କରିବାରେ ପାକିସ୍ତାନ ହେଉଛି ବିଶ୍ୱର ପ୍ରଥମ ରାଷ୍ଟ୍ର। ଏହି ସିଷ୍ଟମ୍ ଯୁକ୍ତରାଷ୍ଟ୍ର ଆମେରିକା ପରିସ୍ଫୁଟନ କରିଥିବା ଜିପିଏସ୍ ସହ ସମକକ୍ଷ।

### ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ

# ଇସ୍‌ଲାମାବାଦ ଉପରେ ନୂଆଦିଲ୍ଲୀର ସତର୍କ ନଜର

**ନୂଆଦିଲ୍ଲୀ :** ତାଲିବାନ୍ ସହ ବୁଝାମଣା କରି ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନର ଭୂମିକା ଉପରେ ନୂଆଦିଲ୍ଲୀ ସତର୍କଦୃଷ୍ଟି ରଖିଛି। ଯୁଦ୍ଧଜର୍ଜରିତ ଆଫଗାନିସ୍ତାନରେ କୌଣସି ପ୍ରକାର ସେନା କାର୍ଯ୍ୟାନୁଷ୍ଠାନକୁ ଭାରତ ଏଡ଼ାଇ ଯାଇଥିଲେ ମଧ୍ୟ ଆପୋସ ଆଲୋଚନା ଜରିଆରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଅନୁମାନ କରାଯାଉଛି। ବିଗତ କିଛି ମାସ ଧରି ଆଫଗାନିସ୍ତାନ ପାଇଁ ନିଯୁକ୍ତିପ୍ରାପ୍ତ ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜଲମୟ ଖଲିଲଜାଦ୍ ତାଲିବାନୀ ନେତାଙ୍କ ସହ ଆଲୋଚନାର ପ୍ରତିଟି ଦିଗ ଉପରେ ଭାରତ ଅନୁଧ୍ୟାନ କରୁଛି। ଗତମାସରେ ଆବୁଧାବିରେ ଖଲିଲଜାଦ୍ ଓ ତାଲିବାନୀ ନେତାଗଣଙ୍କ ମଧ୍ୟରେ ଦୁଇଦିନିଆ ଆଲୋଚନା ଶେଷ ହୋଇଥିଲା। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ମିଶନରେ ଇରାନ୍ ନେତାମାନେ ଆଗେଇ ଆସିଛନ୍ତି। ସେମାନେ ମଧ୍ୟ ତାଲିବାନ୍ ନେତାଙ୍କ ସହ ଆଲୋଚନା କରୁଥିବା ସମ୍ପର୍କରେ ଇରାନ୍‌ର ପ୍ରମୁଖ ନିରାପତ୍ତା ଅଧିକାରୀ ଅଲୀ ଶାମଖାନୀ ମତବ୍ୟକ୍ତ କରିଛନ୍ତି। ଇରାନ୍ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁସାରେ ଡିସେମ୍ବର ୩୦ରେ କିଛି ତାଲିବାନ୍ ନେତା ଇରାନ୍ ଗସ୍ତରେ ଯାଇ ଉପବିଦେଶମନ୍ତ୍ରୀ ଆବ୍‌ବାସ୍ ଅରଘଚୀଙ୍କୁ ଭେଟି ୧୭ ବର୍ଷର ନିରବଚ୍ଛିନ୍ନ ସଂଗ୍ରାମର ଯବନିକାପାତ ଘଟାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆଫଗାନିସ୍ତାନରୁ ୭୦୦୦ ଯୁକ୍ତରାଷ୍ଟ୍ର ଆମେରିକା ସେନା ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆମେରିକା ସେନାର ରିକ୍ତ ସ୍ଥାନକୁ ଆଫ୍‌ଗାନ୍ ସେନା ପୂରଣ କରିବ ବୋଲି ଭାରତ ଆଶା ରଖିଛି। ୨୦୧୪ରୁ ଆଫଗାନିସ୍ତାନରେ ଯୁକ୍ତରାଷ୍ଟ୍ର ଆମେରିକା ସେନା ଆତଙ୍କବାଦୀଙ୍କ ବିରୋଧରେ ଅସ୍ତ୍ର ଧାରଣ କରିଆସୁଥିଲେ। ଏବେ ସେହି କାମ ଆଫ୍‌ଗାନ୍ ସୁରକ୍ଷାକର୍ମୀମାନେ କରିବେ। ଆଫଗାନିସ୍ତାନର ଶାନ୍ତି ପ୍ରତିଷ୍ଠା ମିଶନକୁ ସଫଳ କରିବା ପାଇଁ ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମହମ୍ମଦ କ୍ୟୁରେସି କାବୁଲ ଗସ୍ତ କରିଥିଲେ। କ୍ୟୁରେସି ଇରାନ୍, ଚୀନ୍ ଓ ରୁଷିଆ ଗସ୍ତ କରି ପାକିସ୍ତାନର ଆଭିମୁଖ୍ୟ ଜଣାଇଥିଲେ। ଭାରତର ମୋଦୀ ସରକାରଙ୍କ ସକ୍ରିୟ ସହଯୋଗ ବିନା ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ ବୋଲି କିଛି ନେତା ଅନୁମାନ କରୁଛନ୍ତି। ତକ୍ଷଶୀଳା ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ନୀତୀନ ପାଇଙ୍କ ମତରେ କାବୁଲ୍‌ରେ କ୍ଷମତାସୀନ ସରକାରଙ୍କ ସହ ଭାରତ ଦୀର୍ଘକାଳୀନ ସମ୍ପର୍କ ରକ୍ଷା ପାଇଁ ବାଟ ଫିଟାଇବା ଉଚିତ୍। ଆଫଗାନିସ୍ତାନରେ ଭାରତର ଇଞ୍ଜିନିୟରମାନେ ସଡ଼କ, ସେତୁ, ପୋଲ ନିର୍ମାଣ କରିଦେଲେ ସେଠାରେ ଶାନ୍ତି ପ୍ରତିଷ୍ଠା ହୋଇଯିବନି। ଆଗାମୀ ଦିନରେ ତାଲିବାନୀ ନେତାଙ୍କ ହାତରେ ଆଫଗାନିସ୍ତାନ ଶାସନଭାର ପଡ଼ିଲେ ମଧ୍ୟ ସେମାନଙ୍କ ସହ ସମ୍ପର୍କ ରକ୍ଷା କରି ଶାନ୍ତି ଆଲୋଚନାକୁ ଆଗେଇ ନେବା ଆବଶ୍ୟକ।

# ୨୦୧୭-୧୮ ବ୍ୟାଙ୍କ ସମୂହ ହରାଇଛନ୍ତି ୪୧,୧୬୭ କୋଟି ଟଙ୍କା

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଜାରି ହୋଇଥିବା ରିପୋର୍ଟ ମୁତାବକ, ୨୦୧୭-୧୮ରେ ଠକେଇ କରିଥିବା ବ୍ୟକ୍ତିମାନେ ବ୍ୟାଙ୍କିଙ୍ଗ୍ ପ୍ରଣାଳୀରୁ ମୋଟ ୪୧,୧୬୭.୭ କୋଟି ଟଙ୍କାର ଚୂନ ଲଗାଇଛନ୍ତି। ଗତବର୍ଷ ଏହା ୨୩,୯୩୩ କୋଟି ଟଙ୍କା ରହିଥିବାବେଳେ ପୂର୍ବାପେକ୍ଷା ଆଲୋଚ୍ୟ ବର୍ଷରେ ୭୨ ପ୍ରତିଶତ ଅଧିକ ରହିଛି। ଗତବର୍ଷର ୫,୦୭୬ଟି ମାମଲା ତୁଳନାରେ ୨୦୧୭-୧୮ରେ ବ୍ୟାଙ୍କ ଠକେଇର ୫,୯୧୭ଟି ମାମଲା ସାମନାକୁ ଆସିଛି। ଗତ ଚାରିବର୍ଷ ଧରି ଏହି ଠକେଇ ମାମଲାଗୁଡ଼ିକ ବୃଦ୍ଧି ପାଉଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୩-୧୪ରେ ମୋଟ ୧୦,୧୭୦ କୋଟି ଟଙ୍କାର ଠକେଇ ମାମଲା ସାମନାକୁ ଆସିଥିବାବେଳେ ଏହା ତୁଳନାରେ ୨୦୧୭-୧୮ରେ ଏହି ମାମଲା ଦୁଇଗୁଣ ବଢ଼ିଥିବା ଜଣାପଡ଼ିଛି। ୨୦୧୭-୧୮ରେ ଅଫ୍ ବାଲାନ୍ସ ସିଟ୍ ଅପରେସନ୍, ବିଦେଶୀ ମୁଦ୍ରା ନେଣଦେଣ, ଜମା ଆକାଉଣ୍ଟ ତଥା ସାଇବର ଗତିବିଧି ସହ ସମ୍ବନ୍ଧିତ ଠକେଇଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଲୋଚ୍ୟ ବର୍ଷରେ ବ୍ୟାଙ୍କଗୁଡ଼ିକ ଅଧିକ ସାଇବର୍ ଠକେଇର ରିପୋର୍ଟ ଦାଖଲ କରିଥିବାବେଳେ ୨,୦୫୯ଟି ମାମଲାରେ ମୋଟ ୧୦୯.୬ କୋଟି ଟଙ୍କାର କ୍ଷତି ହୋଇଛି। ଗତବର୍ଷ ୧,୩୭୨ଟି ମାମଲା ସହିତ ଏହା ୪୨.୩ କୋଟି ଟଙ୍କା ରହିଥିଲା। ଅନ୍ୟପଟେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ ୯୩% ସରକାରୀ ବ୍ୟାଙ୍କଗୁଡ଼ିକ ଅନ୍ତର୍ଭୁକ୍ତ ଥିବାବେଳେ ଅନ୍ୟ ୬% ବେସରକାରୀ ବ୍ୟାଙ୍କ ସାମିଲ ରହିଛନ୍ତି। ବର୍ଦ୍ଧିତ ଠକେଇ ମାମଲାଗୁଡ଼ିକ ବଡ଼ବଡ଼ ଲୋନ୍‌କୁ ବଢ଼ିବା ନେଇ ପ୍ରୋତ୍ସାହିତ କରିଛନ୍ତି। ୨୦୧୮ ମସିହା ମାର୍ଚ୍ଚରେ ୧୦,୩୯,୭୦୦ କୋଟି ଟଙ୍କାର ବଡ଼ ଲୋନ୍ ରହିଥିବାବେଳେ ୨୦୧୭-୧୮ରେ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କରେ ୧୩ହଜାର କୋଟି ଟଙ୍କାର ଠକେଇ ହୋଇଥିଲା। ଆର୍‌ବିଆଇ ମୁତାବକ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଠକେଇର ୯୦ ପ୍ରତିଶତ ଅଂଶ ବ୍ୟାଙ୍କର କ୍ରେଡିଟ୍ ପୋର୍ଟଫୋଲିଓରେ ରହିଛି।

# ଆର୍ଥିକ ଅଭିବୃଦ୍ଧି ହାସଲ କ୍ଷେତ୍ରରେ ଭାରତ ଚୀନ୍ ଠାରୁ ଆଗୁଆ



**ନୂଆଦିଲ୍ଲୀ :** ବିଭିନ୍ନ କ୍ଷେତ୍ରରେ ଦେଖାଯାଇଥିବା ବହୁ ଉତ୍ଥାନ ପତନ ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତତମ ବିକାଶଶୀଳ ରାଷ୍ଟ୍ର ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିବା ବିଭିନ୍ନ କ୍ଷେତ୍ରର ଆକଳନକୁ ନେଇ ନିତି ଆୟୋଗ ପକ୍ଷରୁ ପ୍ରକାଶ କରାଯାଇଛି। ଏପରିକି ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାସଲ କରିବାରେ ଏବଂ ବିଶ୍ୱର ଅନ୍ୟତମ ପ୍ରମୁଖ ଅର୍ଥନୈତିକ ରାଷ୍ଟ୍ର ଚୀନ୍‌କୁ ଭାରତ ପଛରେ ପକାଇ ଦେଇଥିବା କୁହାଯାଇଛି। ୨୦୧୮ ବର୍ଷରେ ବିଶ୍ୱ ଅର୍ଥନୀତିରେ ବହୁ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା ବେଳେ ଚୀନ-ଆମେରିକା ବାଣିଜ୍ୟିକ ଯୁଦ୍ଧ, ଆନ୍ତର୍ଜତିକ ବଜାରରେ ପେଟ୍ରୋଲିୟମ ମୂଲ୍ୟ ବୃଦ୍ଧି ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଥିଲା। ୨୦୧୮ ବର୍ଷରେ ଆମେରିକା ପକ୍ଷରୁ ୪ଥର ସୁଧ ହାରରେ ବୃଦ୍ଧି କରାଯାଇଥିଲା ବେଳେ ବର୍ଷର ବିଭିନ୍ନ ଭାଗରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ପେଟ୍ରୋଲିୟମ ମୂଲ୍ୟ ଡଲାରର ମୂଲ୍ୟ ବୃଦ୍ଧି ପାଇଁ ସହାୟକ ହୋଇଥିଲା। ମାତ୍ର ଏହାର ପ୍ରଭାବ ସ୍ୱରୂପ ଭାରତୀୟ ଅର୍ଥନୀତି ଉପରେ ଚାପ ସୃଷ୍ଟି ହୋଇଥିଲା। ସେହିପରି ଭାରତରେ ଏହି ବର୍ଷରେ ସର୍ବାଧିକ ବ୍ୟାଙ୍କିଙ୍ଗ ସ୍କାମ ଧରାପଡିଥିଲା ବେଳେ ଆମେରିକା-ଚୀନ୍ ବାଣିଜ୍ୟିକ ଯୁଦ୍ଧ ମଧ୍ୟ ବଜାର ପୁଞ୍ଜି ସ୍ଥିତିକୁ ପ୍ରଭାବିତ କରିଥିଲା। ଅନ୍ୟାନ୍ୟ କାରଣ ମଧ୍ୟରେ ଆଇଏଲ ଆଣ୍ଡ ଏଫଏସ୍‌ର ଆର୍ଥିକ ସ୍ଥିତିରେ ପତନ ଏବଂ କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଦେଖାଯାଇଥିବା ମତଭେଦ ଆର୍ଥିକ ବ୍ୟବସ୍ଥା ପ୍ରତି ନକରାତ୍ମକ ଥିଲା। ଏଭଳି ସ୍ଥିତି ଭାରତର ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜିଥିଲା। ଏହା ସତ୍ତ୍ୱେ ୨୦୧୮ ବର୍ଷରେ ଭାରତର ସାମଗ୍ରିକ ଘରୋଇ ଉତ୍ପାଦନ(ଜିଡିପି) ସ୍ଥିତି ଉତ୍ତମ ରହିଥିବା କୁହାଯାଇଛି। ୨୦୧୮ ବର୍ଷର ପ୍ରଥମ ତିନିମାସରେ ଭାରତର ଆଥର୍ଇକ ଅଭିବୃଦ୍ଧି ହାର ୭.୭ ପ୍ରତିଶତ ରହିଥିଲା ବେଳେ ଜୁନ୍ ମାସ ଶେଷ ସୁଦ୍ଧା (୨୦୧୮-୧୯ ବର୍ଷର ପ୍ରଥମ ତ୍ରୈମାସିକ) ଏହା ୮.୨ ପ୍ରତିଶତରେ ପହଞ୍ଚିଥିଲା। ତେବେ ଏହି ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ହାର ୭.୧ ପ୍ରତିଶତକୁ ଖସି ଆସିଥିଲା। ବିଶେଷକରି ଋଣ ପ୍ରଦାନ କ୍ଷେତ୍ର ସଙ୍କୁଚିତ ହେବା ଏବଂ ଆର୍ଥିକ କ୍ଷେତ୍ରରେ ସେବା ମୂଲ୍ୟ ବୃଦ୍ଧି ଯୋଗୁ ଅଭିବୃଦ୍ଧି ହ୍ରାସ ପାଇବ ବୋଲି ଆନ୍ତର୍ଜାତିକ ରେଟିଂ ସଂସ୍ଥା 'ଫିଚ୍' ପକ୍ଷରୁ ଆକଳନ କରାଯାଇଥିଲା। ତେବେ ହାରାହାରି ଭାବେ ଏହି ବର୍ଷରେ ହାସଲ କରାଯାଇଥିବା ଅଭିବୃଦ୍ଧି ସନ୍ତୋଷଜନକ ରହିଥିବା କୁହାଯାଇଛି। ଏସମ୍ପର୍କରେ ନିତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ, ୨୦୧୯ ବର୍ଷରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଅଧିକ ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରହିବ। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶରେ ବୃଦ୍ଧି କରାଯାଇ ଏହି ବର୍ଷରେ ୭.୮ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯିବ। ତେବେ ଏହି ବର୍ଷ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଅଧିକ ବ୍ୟୟ ପାଇଁ ସରକାର ବାଧ୍ୟ ହେବେ ଯାହାକି ଆର୍ଥିକ ଚାପ ସୃଷ୍ଟି କରିପାରେ ବୋଲି ରାଜୀବ କୁମାର କହିଛନ୍ତି।

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
୩
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ସାଧାରଣ ଲୋକଙ୍କ ଦର୍ଶନ ପାଇଁ ଖୋଲିଲା ରାଜ ଭବନ ଉଦ୍ୟାନ

ଭୁବନେଶ୍ୱର, ୦୭ - ୧୩ ଜାନୁଆରୀ, ୨୦୧୯

### ଅସୁରକ୍ଷିତ ନୌଯାତ୍ରା, ନେଇଚାଲିଛି ଜୀବନ

# କେବେ ଚେତିବ ପ୍ରଶାସନ



**ଭୁବନେଶ୍ୱର, (ତାରକ ମହାନ୍ତି) :** ରାଜ୍ୟରେ ବାରମ୍ବାର ଡଙ୍ଗା ବୁଡି ଘଟଣା ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ଔପଚାରିକ ଦୃଷ୍ଟିକୋଣରୁ ଘଟଣା ଘଟିବା ବେଳେ ସରକାର ତତ୍ପରତା ଦେଖାଇବା ସହିତ ମୃତକଙ୍କ ପାଇଁ ଅନୁକମ୍ପା ମୂଳକ ରାଶି ଘୋଷଣା କରୁଛନ୍ତି। ହେଲେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ନ ଘଟିବା ପାଇଁ ସେଭଳି କିଛି ପଦକ୍ଷେପ ନିଆ ନଯିବା ଦ୍ୱାରା ଏହା ବାରମ୍ବାର ଘଟିଚାଲିଛି। ନୌକାଯାତ୍ରା ପାଇଁ ଯେତିକି ବି ନିୟମ ଅଛି ତାହାକୁ ଉଲ୍ଲଙ୍ଘନ କରୁଥିବା ଅଧିକାରୀ ଓ ଚାଳକ ଉପରେ ସେଭଳି ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଗତ ୫ ବର୍ଷ ମଧ୍ୟରେ ୫ଟି ନୌକା ଦୁର୍ଘଟଣା ଘଟଣା ଘଟିଥିଲେ ବି ଯାତ୍ରୀଙ୍କ ସୁରକ୍ଷାକୁ ନେଇ ସରକାର ବିଶେଷ କିଛି କରିପାରି ନାହାନ୍ତି। ୨୦୧୪ ଫେବୃଆରୀ ୮ରେ ହୀରାକୁଦ ଜଳ ଭଣ୍ଡାରରେ ଘଟିଥିବା ଡଙ୍ଗାବୁଡି ଘଟଣାରେ ବଣଭୋଜିରୁ ଫେରୁଥିବା ୩୧ ଜଣଙ୍କ ପ୍ରାଣହାନୀ ପରେ ଆଶା କରାଯାଇଥିଲା ସରକାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବେ। ହେଲେ ଜଳପଥରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ନା ଅଛି ପ୍ରଶାସନିକ ସତର୍କତା ଓ ଯାତ୍ରୀ ସୁରକ୍ଷା। ତେଣୁ ଡଙ୍ଗା ବୁଡି ଘଟଣାରେ ମୃତ୍ୟୁହାର ବଢ଼ି ବଢ଼ି ଚାଲିଛି। କେବେ ଚିଲିକାରେ ତ ଆଉ କେବେ ମହାନଦୀରେ। ଏହା କେବଳ ଗୋଟିଏ ନଈ ବା ଗୋଟିଏ ଘାଟର କାହାଣୀ ନୁହେଁ। ରାଜ୍ୟରେ ଥିବା ବିଭିନ୍ନ ନଈ ଘାଟରୁ ଯାତ୍ରୀ ନେଇ ଅସୁରକ୍ଷିତ ଭାବେ ଯା' ଆସ କରୁଥିବା ଡଙ୍ଗାର କଥା। ଯେତେବେଳେ ଘଟଣା ଘଟେ ଓ ଧନଜୀବନ ହାନୀ ହୁଏ ଠିକ୍ ସେତିକି ବେଳେ କିଛି ସମୟ ପାଇଁ ପ୍ରଶାସନ ଚେଇଁ ଉଠିଲେ ବି ପରେ ଏଥିରେ ଭଟ୍ଟା ପଡିଥାଏ। ଯେଉଁଥିପାଇଁ ବାରମ୍ବାର ଡଙ୍ଗା ବୁଡି ଘଟଣା ଘଟୁଥିଲେ ବି ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି ଏଯାଏ। ନିକଟରେ ନୂଆବର୍ଷ ଖୁସି ମନାଇବାକୁ କେନ୍ଦ୍ରାପଡ଼ା ଜିଲ୍ଲାର ହୁକିଟୋଲା ଦ୍ୱୀପକୁ ବଣଭୋଜି କରିବା ପାଇଁ ଛୁଆ ପିଲାଙ୍କୁ ସାଙ୍ଗରେ ଧରି କୁଜଙ୍ଗ ହସିଣା ଗାଁର ବହୁ ପରିବାର ଲୋକ ଯାଇଥିଲେ। ସେମାନଙ୍କ ଭିତରେ ପୁରୁଷ, ମହିଳା, ଶିଶୁ ଓ ବାଳିକାମାନେ ବି ଥିଲେ। ହେଲେ ଭୋଜି ସାରି ଘରକୁ ଫେରିବା ବାଟରେ ମୃତ୍ୟୁଫାଶ ସତେ ଯେପରି ସେମାନଙ୍କୁ ଅପେକ୍ଷା କରି ରହିଥିଲା। ସାନ ନିପାଣିଆ ଗାଁର ଭାନୁଗିରି ଘାଟରେ ନାଉରିଆର ଅସାବଧାନତା ହେଉ ବା ଡଙ୍ଗାରେ ଅଧିକ ଯାତ୍ରୀ ଥିବା କାରଣରୁ ଡଙ୍ଗାଟି ବୁଡିଗଲା। ଏଥିରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଏଯାବତ୍ ନିଖୋଜ ଅଛନ୍ତି। ନିୟମିତ ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ବ୍ୟତୀତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ପର୍ଯ୍ୟଟକମାନେ ଅସୁରକ୍ଷିତ ଭାବେ ଡଙ୍ଗାରେ ଯାତ୍ରା କରିଥାନ୍ତି। କେବେ ଭରା ନଈରେ ତ ଆଉ କେବେ ମୁହାଁଣ ମୁହଁରେ ପଡି ଲୋକଙ୍କ ଜୀବନ ଯାଇଥାଏ। ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ନଦୀ ଗୁଡିକରେ ଯେଉଁଠାରେ ପୋଲ ନାହିଁ ସେଠାରେ ନୌଯାତ୍ରା ହିଁ ଏକମାତ୍ର ଭରସା। ନଈ କୂଳରେ ବିଭିନ୍ନ ପ୍ରସିଦ୍ଧ ଦେବପୀଠମାନ ରହିଛି। ଯେଉଁଥିପାଇଁ ବର୍ଷର ବିଭିନ୍ନ ସମୟରେ ➤ ପୃ-୬

### ବାରିପଦାରେ ମୋଦି, ପୁରୀରେ ନବୀନ

# ଲଢ଼େଇ ପାଇଁ ବିଜେପି-ବିଜେଡି ପ୍ରସ୍ତୁତ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରିପଦା ଗସ୍ତ ବିଜେଡିକୁ ଯୁଦ୍ଧ ପାଇଁ ଆହ୍ୱାନ ସଦୃଶ। ଏଥିରେ ମୋଦି ଦଳୀୟ ସମାବେଶ ସହିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର ଥିଲେ ବି ସେ ସେଠାକୁ ନ ଯାଇ ପୁରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହେଲେ ବିଜେପି ଓ ବିଜେଡି ସରକାରୀ କାର୍ଯ୍ୟକ୍ରମ ଆଳରେ ଦଳୀୟ ଶକ୍ତି ପ୍ରଦର୍ଶନ କରି ଆଗାମୀ ନିର୍ବାଚନ ପାଇଁ ଉଭୟ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନଯିବା ଓ ସମାନ ଦିନ ଆଉ ଏକ କାର୍ଯ୍ୟକ୍ରମ ରଖିବାକୁ ନେଇ ସମ୍ପ୍ରତି ଓଡ଼ିଶା ରାଜନୀତି ଗୋଳିଆ ଧରିଲାଣି। ପୂର୍ବ ଭାରତର ବିକାଶ ପ୍ରସଙ୍ଗ ଉଠାଇ ବିଜେପି ଓଡ଼ିଶାରେ ଠା କୁ ଠା ସଭାର ଆୟୋଜନ କରୁଥିଲା ବେଳେ ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗ ଉଠାଇ ବିଜେପିକୁ ରୋକିବା ପାଇଁ ବିଜେଡି ନୂଆ ନୂଆ କାର୍ଯ୍ୟପନ୍ଥା ଆପଣାଇବାରେ ଲାଗିଛି। ଯେହେତୁ ଏଥରର ନିର୍ବାଚନ ବିଜେଡି ଓ ବିଜେପି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଣୁ କ୍ଷମତା ହାସଲ ପାଇଁ ଉଭୟ ଦଳ ନିଜର ପତିଆରା ବୃଦ୍ଧି କରିବାରେ ଲାଗି ପଡିଛନ୍ତି। ନବୀନଙ୍କ ପରିବର୍ତ୍ତିତ କାର୍ଯ୍ୟଧାରାକୁ ଲୋକେ ଗ୍ରହଣ କରୁଥିବା ବେଳେ ମୋଦି-ଶାହା ଯୋଡିକୁ ସଫଳ କରାଇ ନଦେବା ପାଇଁ ବିଜେଡି ଅଧିକ କଠୋର ହେଉଛି। ➤ ପୃ-୬

## ପୋଲାଭରମ୍ ମାମଲା : ତଥ୍ୟ ଦେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ପୋଲାଭରମ୍ ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ପ୍ରକଳ୍ପ କାର୍ଯ୍ୟ ପାଇଁ ହେବାକୁ ଥିବା ଜନଶୁଣାଣି ଲାଗି ଉଭୟ ଓଡ଼ିଶା ଓ ଛତିଶଗଡ଼ ମାଗିଥିବା ତଥ୍ୟ ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୩ ସପ୍ତାହ ମଧ୍ୟରେ ୨ ରାଜ୍ୟକୁ ସମସ୍ତ ତଥ୍ୟ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜାନୁଆରୀ ୨୪ରେ ଜନଶୁଣାଣି ସମ୍ପର୍କିତ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗୁରୁବାର ଜଷ୍ଟିସ୍ ଏକେ ସିକ୍ରି, ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ଏସ୍ ଅବଦୁଲ ନଜିରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୩ରେ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଜନଶୁଣାଣି କରିବାକୁ କହିଥିଲେ। ଏହା ପାଇଁ ଆବଶ୍ୟକ ତଥ୍ୟ ଉଭୟ ସରକାର ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇବାକୁ କୁହାଯାଇଥିଲା। ➤ ପୃ-୬

## ପୁଣି ୧୦କୁ ଘୁଞ୍ଚିଲା ରାମ ମନ୍ଦିର ଶୁଣାଣି



**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ରାମ ଜନ୍ମଭୂମି ଜମି ବିବାଦ ମାମଲାର ଘୁଞ୍ଚାଇ ଦେଇଛନ୍ତି। ଶୁକ୍ରବାର ଏହାର ସର୍ବୋଚ୍ଚ ଅଦାଲତ ମାତ୍ର ୧୦ ସେକେଣ୍ଡ୍ ପାଇଁ ଶୁଣାଣି କରି କହିଛନ୍ତି, ଅଯୋଧ୍ୟାରେ ବିବାଦୀୟ ବାବ୍ରି ମସ୍‌ଜିଦ୍ ଶୁଣାଣିକୁ ଜାନୁଆରୀ ୧୦ ପର୍ଯ୍ୟନ୍ତ ଶୁଣାଣି ହେବାକୁ ଥିଲା ବେଳେ ଏହି ସ୍ୱର୍ଶକାତର ମାମଲା ଶୁଣାଣି ପାଇଁ ଜାନୁଆରୀ ୧୦ ପୂର୍ବରୁ ଏକ ନୂଆ ବେଞ୍ଚ୍ ଗଠନ କରାଯିବ। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଓ ଜଷ୍ଟିସ୍ ଏସ୍‌କେ କାଉଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ନୂଆ ବେଞ୍ଚ୍ ଗଠନ ହେଲେ ଏହି ମାମଲାର ଶୁଣାଣି ହେବ। ଖଣ୍ଡପୀଠ ଶୁଣାଣି ସ୍ଥଗିତ ରଖିବା ସହ ଏ ସମ୍ପର୍କରେ ସାନି ଆବେଦନକୁ ଅଗ୍ରାହ୍ୟ କରି ଦେଇଛନ୍ତି। ➤ ପୃ-୬

## ୧୮ରେ ଓଡିଶା ଆସିବେ ଶାହା



**ଭୁବନେଶ୍ୱର :** ରାଜ୍ୟ ବିଜେପି ମିଶନ ୧୨୦+ ଲକ୍ଷ୍ୟରେ ଆଗେଇ ଚାଲିଛି। ପୂର୍ବ ଭାରତର ବିକାଶ ତଥା ନୂଆ ଓଡିଶା ଗଠନ ପାଇଁ ବିଜେପି ପ୍ରାଧାନ୍ୟ ଦେଇ ଆସୁଛି। ତୃଣମୂଳ ସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତେ ଏକ ହୋଇ ଓଡିଶାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୪ ବର୍ଷ ମଧ୍ୟରେ ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଅନୁଦାନ ଦେଇଛନ୍ତି ଯାହାକି କେବେ ଓଡିଶାକୁ କୌଣସି କେନ୍ଦ୍ର ସରକାର କେବେ ଦେଇନଥିଲେ। ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟ ସରକାରର ଶାସନରେ ଅତିଷ୍ଠ ହୋଇ ରାଜ୍ୟବାସୀ ଶାସକ ବିଜେଡିର ମୂଳପାଟନ କରିବାକୁ ମନବଳାଇ ସାରିଲେଣି। ଅନ୍ୟପଟେ ରାଜ୍ୟକୁ ବିକାଶ ପଥରେ ନେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ କହିଛନ୍ତି। ଶ୍ରୀ ସିଂ କହିଛନ୍ତି ଯେ, ରାଜ୍ୟରେ ପିସି କାରବାର, ନିଯୁକ୍ତି ସୃଷ୍ଟି ନକରିବା, ➤ ପୃ-୬

### ପ୍ରଧାନମନ୍ତ୍ରୀଙ୍କୁ ଜବାବ ଦେଲେ ମୁଖ୍ୟମନ୍ତ୍ରୀ

# ୨୨ ହଜାର ନୁହେଁ, ୭.୮ ଲକ୍ଷ



**ଭୁବନେଶ୍ୱର :** ଗତ ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାର ଜଳସେଚନରେ ପଛରେ ପଡିଥିବା ନେଇ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଆରୋପ ଉପରେ ଜବାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟ ସରକାର ୨୦୧୪ରେ ଦେଇଥିବା ପ୍ରତିଶ୍ରୁତି ରଖିଛନ୍ତି ଓ ଏହା ଠିକଣା ସମୟରେ ପୂରଣ ହେବ ବୋଲି ତଥ୍ୟ ଆଧାରରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ରାଜ୍ୟରେ ୨୨ ହଜାର ହେକ୍ଟର ନୁହେଁ, ୭ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଗତ ୨୪ରେ ଓଡ଼ିଶା ଗସ୍ତ କାଳରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରକଳ୍ପଗୁଡ଼ିକର ପୂର୍ଣ୍ଣାଙ୍ଗ ପାଇଁ ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୨୦୧୪ ନିର୍ବାଚନ କାଳରେ ରାଜ୍ୟ ସରକାର ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ କହିଥିଲେ ➤ ପୃ-୬


# ୨୧ରେ ଚୂଡାନ୍ତ ଭୋଟର ତାଲିକା

### ଯୋଡ଼ିହେବେ ୫ ଲକ୍ଷ ନୂଆ ଭୋଟର
### ୧୫ ସୁଦ୍ଧା ସରିବ ଇଭିଏମ୍, ଭିଭିପାଟ ଯାଞ୍ଚ



**ଭୁବନେଶ୍ୱର :** ଚଳିତ ବର୍ଷ ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ଆବେଦନ ସମୟସୀମା ନଭେମ୍ବର ୧୫ରୁ ଶେଷ ହୋଇଥିବା ବେଳେ ଜାନୁଆରୀ ୪ ତାରିଖ ପରିବର୍ତ୍ତେ ୨୧ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ସେହିପରି ସାଧାରଣ ନିର୍ବାଚନରେ ଯୋଡ଼ିହେବେ ଆଉ ପ୍ରାୟ ୫ ଲକ୍ଷ ନୂଆ ଭୋଟର। ଏଥିସହ ରାଜ୍ୟରେ ଭୋଟର ସଂଖ୍ୟା ୩ କୋଟି ୨୪ ଲକ୍ଷ ଛୁଇଁବ। ଏହି ୫ ଲକ୍ଷ ନୂଆ ଭୋଟରଙ୍କ ମଧ୍ୟରୁ ଅନେକ ୨୦୧୯ ଜାନୁୟାରୀ ପହିଲା ସୁଦ୍ଧା ୧୮ ବର୍ଷ ଛୁଇଁ ଭୋଟ ଦେବାର ଅଧିକାର ଭୁକ୍ତ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୩ କୋଟି ୧୨ ଲକ୍ଷ ଭୋଟର ଥିବା ବେଳେ ତାଲିକାଭୁକ୍ତ ହେବା ପାଇଁ ଆଉ ୧୨ ଲକ୍ଷ ୮ ହଜାର ୩୨୬ଟି ଆବେଦନ ➤ ପୃ-୬

### ବକ୍ରବାଣୀ



ତୁମ ଗୋଡ ଟଣା ନିଶାଟା ଥାଉ
ଦଳୁଟା ତେଣିକି ଚୁଲିକି ଯାଉ
ମୁଖିଆ ଆସନେ ଝରୁଛି ମହୁ
ନଜରଟା ଖାଲି ସେଇଠି ରହୁ
ଦଶୁଟା ଆସନ ପାଇବ ନାହିଁ
ସି.ଏମ. ହବାକୁ ରହିଛ ଚାହିଁ
ମାଗଣା ଯୋଜନା ସଭିଏଁ ପାଇ
ଲୋକେ ଭୋଟ ଦେବେ ଶଙ୍ଖରେ ଯାଇ
ପଇସା ସାଇତି ପାଖରେ ରଖ
କୋଡିଏ ବେଳକୁ ଘୋଡାଙ୍କୁ ଦେଖ
କିଣିଦେବ ତାଙ୍କୁ ଚଢ଼ା ମୂଲରେ
ଏବେଠୁ କାହିଁକି ମିଛେ ବୁଲରେ।


—ଟୁଟୁ

# ବିକେକେୱାଇ ଷ୍ଟ୍ରିମ୍-୨ କାର୍ଡରେ ମିଳିବ ସ୍ୱାସ୍ଥ୍ୟ ସେବା




**ଭୁବନେଶ୍ୱର :** ଜାନୁଆରୀ ପହିଲାରୁ ରାଜ୍ୟରେ ଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍‌ଏସ୍‌ବିୱାଇ)ଯୋଜନାର ସମସ୍ତ ୪୪,୦୮,୦୭୦ ହିତାଧିକାରୀ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ)ରେ ସାମିଲ୍ କରାଯାଇଛି। ବିଜୁ କୃଷକ କଲ୍ୟାଣ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସୁବିଧା ପାଇବେ। ଏହି ସମସ୍ତ ହିତାଧିକାରୀଙ୍କୁ ବିକେକେୱାଇ ଷ୍ଟ୍ରୀମ୍-୨ କାର୍ଡ ଦିଆଯିବା ସହିତ ପୂର୍ବଭଳି ଏକ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଏସବିୱାଇ ଯୋଜନାର ଅବଧି ଡିସେମ୍ବର ୩ରେ ସମାପ୍ତ ହୋଇଛି। ତେଣୁ ରାଜ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେଭଳି ପୂର୍ବଭଳି ମାଗଣା ଚିକିତ୍ସା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରାୟ ୧ କୋଟି ୮୦ ଲକ୍ଷ ଥର ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସଚିବାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଆରଏସବିୱାଇ ହିତାଧିକାରୀମାନେ ଯେଭଳି ତୁରନ୍ତ ବିକେକେୱାଇ କାର୍ଡ ପାଇବେ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ହିତାଧିକାରୀମାନେ ନିକଟସ୍ଥ ବିକେକେୱାଇ କିଓସ୍କରୁ ପୁରୁଣା ଆରଏସବିୱାଇ କାର୍ଡ ବଦଳରେ ନୂତନ ବିକେକେୱାଇ (ଷ୍ଟ୍ରୀମ-୨)କାର୍ଡ ➤ ପୃ-୬





ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୭ - ୧୩ ଜାନୁଆରୀ, ୨୦୧୯


# ଖଡ୍‌ଗଧାରେ ଚାଲିବାକୁ ହେବ

ସମ୍ପାଦକୀୟ

ତାରକ ମହାନ୍ତି



**ଜା**ତୀୟ ତଥା ରାଜ୍ୟ ରାଜନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା ୨୦୧୮ ମସିହା। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ପରିପ୍ରେକ୍ଷୀରେ ଉଭୟ କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନଙ୍କ ସରକାର ବହୁ ଯୋଜନାକୁ କାର୍ଯ୍ୟକାରୀ କରାଇଥିଲେ ବି ଏହା ଭୋଟରଙ୍କ ମନରେ ସେଭଳି ଅଧିକ କିଛି ପ୍ରଭାବ ପକାଇଥିଲା ଭଳି ମନେ ହେଉନାହିଁ। ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ପୁଣିଥରେ ଶାସନ କ୍ଷମତାକୁ ଫେରିବାର କିଞ୍ଚିତ ଆଶା ସଞ୍ଚାର ହୋଇଥିଲେ ବି ଏହା ମୋଦିଙ୍କ ପ୍ରଭାବକୁ ସମ୍ପୂର୍ଣ୍ଣ କ୍ଷତି ପହଞ୍ଚାଇବାରେ ଏଯାବତ୍ ସକ୍ଷମ ହୋଇନାହିଁ। ଯଦିଓ ଗତ ପାଞ୍ଚଟି ରାଜ୍ୟର ବିଧାନସଭା ଫଳାଫଳରେ କଂଗ୍ରେସ ଆଶାତୀତ ସଫଳତା ଲାଭ କରିଛି ତଥାପି ସେଠାରେ ବିଜେପିର ଭୋଟ ହାର ସେଭଳି କମିନାହିଁ। ଛତିଶଗଡରେ ରମଣଙ୍କ ସରକାର ଦୀର୍ଘବର୍ଷ ଶାସନ କ୍ଷମତାରେ ରହିବା ପରେ ସେଠାରେ ସାଧାରଣ ଲୋକଙ୍କ ମନରେ ପରିବର୍ତ୍ତନର ଭାବନା ଅଧିକ ଜାଗି ଉଠିବା ଫଳରେ ବିଜେପିକୁ ସଂଖ୍ୟା ଗରିଷ୍ଠତା ମିଳିଲା ନାହିଁ। ତେଣୁ ଦେଶରେ ମୋଦିଙ୍କ ପ୍ରଭାବ କମି ଯାଇଥିବା ଚର୍ଚ୍ଚା ହେଉଥିଲା ବେଳେ ବାସ୍ତବରେ ଏହା ଯଥାର୍ଥ ନୁହେଁ। କାରଣ ଗୋଟିଏ ଦେଶକୁ ଦୀର୍ଘବର୍ଷ ଧରି ଶାସନ କରିଥିବା କଂଗ୍ରେସ ଦଳ ଯେଭଳି ଦେଶର ବିକାଶ ଓ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା କଥା ତାହା ହୋଇପାରିନଥିଲା। ଯେଉଁଥିପାଇଁ ପାକିସ୍ତାନ ଭଳି ଭାରତର ଶତ୍ରୁ ଦେଶମାନେ ଭାରତ ବିରୋଧରେ ନାନା ସମୟରେ ନାନା ପ୍ରକାର ବିପଦ ସୃଷ୍ଟି କରୁଥିଲେ। ଯଦିଓ ଏହା ବଳବତ୍ତର ରହିଛି ତଥାପି ଅନେକାଂଶରେ ହ୍ରାସ ପାଇଛି ଏବଂ ଶତ୍ରୁ ପକ୍ଷକୁ ଯେଉଁଭଳି କଡା ଜବାବ ଦିଆଯିବା ଦରକାର ତାହା ଦେଇପାରୁଛି ଭାରତ। ବିଶ୍ୱର ବିକଶିତ ରାଷ୍ଟ୍ର ସମୂହଙ୍କ ଅତ୍ୟନ୍ତ ନିକଟତର ହୋଇପାରିବା ସହିତ ଭାରତରେ ଏକ ସର୍ବୋତ୍କୃଷ୍ଟ ଦେଶ ତାହାକୁ ପ୍ରମାଣିତ କରିପାରିଛନ୍ତି ମୋଦି। ଯଦିଓ ଦେଶ ଭିତରେ ବିମୁଦ୍ରୀକରଣ ଓ ଜିଏସ୍‌ଟିକୁ ନେଇ ସାଧାରଣ ଲୋକଙ୍କ ମନରେ ମୋଦି ସରକାରଙ୍କ ପ୍ରତି ବିତସ୍ପୃହ ଭାବ ଦେଖାଦେଇଛି ତଥାପି ମୋଦି ଯେ ଦେଶ ପାଇଁ ଉତ୍ତମ ନେତୃତ୍ୱ ନେଇପାରୁଛନ୍ତି ତାହାକୁ ଅସ୍ୱୀକାର କରିପାରୁନାହାନ୍ତି। ରାହୁଲଙ୍କୁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦେଖିବା ପାଇଁ ଭୋଟରଙ୍କ ମନରେ ସେଭଳି ଅଧିକ ଆଗ୍ରହ ନଥିବା ସ୍ପଷ୍ଟ। କାରଣ ଯେଉଁମାନଙ୍କ ସହିତ ସନ୍ଧିକରି ରାହୁଲ ଦେଶର କ୍ଷମତାକୁ ହାସଲ କରିବାକୁ ଚାହୁଁଛନ୍ତି ସେମାନେ ମଧ୍ୟ ରାହୁଲ ଯେ ପ୍ରଧାନମନ୍ତ୍ରୀ ହେବେ ଏଥିରେ ଏକମତ ନାହାନ୍ତି। ଉତ୍ତରପ୍ରଦେଶର ମାୟାବତୀ ହୁଅନ୍ତୁ କିମ୍ବା ପଶ୍ଚିମବଙ୍ଗର ମମତା କେହି ବି ରାହୁଲଙ୍କ ପ୍ରଧାନମନ୍ତ୍ରୀତ୍ୱ ସପକ୍ଷରେ ମତ ଦେଉନାହାନ୍ତି। ତେଣୁ ହୁଏତ ମୋଦି ସରକାରଙ୍କ ବିଭିନ୍ନ ବିଫଳତାକୁ ଆୟୁଧ କରି କଂଗ୍ରେସ କିଛି କିଛି ରାଜ୍ୟରେ ନିଜର ଭୋଟ ହାର ବଢ଼ାଇପାରେ। ହେଲେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ପୁଣିଥରେ ଦେଶର ନେତୃତ୍ୱ ନେଇପାରିବ ନାହିଁ ଏହା ସ୍ପଷ୍ଟ। ତେଣୁ ଦେଶ ତଥା ରାଜ୍ୟ ପାଇଁ ଆସନ୍ତା ସାଧାରଣ ନିର୍ବାଚନ ନିଶ୍ଚିତ ଏକ ଆହ୍ୱାନର ବର୍ଷ ହେବ। ଜାତୀୟ ଦଳ ହୁଅନ୍ତୁ ବା ଆଞ୍ଚଳିକ ଦଳ ସବୁଦଳ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ପରିଶ୍ରମର ବର୍ଷ ହେବ। ପରିବର୍ତ୍ତନ ମୁହାଁ ଭୋଟରମାନେ ଆଗାମୀ ନିର୍ବାଚନରେ ନିର୍ଣ୍ଣାୟକାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଭୋଟ ଦେବେ। ବିଶେଷକରି ଆମ ଦେଶର ଯୁବସମାଜ ବର୍ତ୍ତମାନ ନିର୍ବାଚନ ପାଇଁ ଜଣେ ଜଣେ ଯୋଦ୍ଧା ଭାବେ ଭୋଟ ମଇଦାନରେ ଅବତୀର୍ଣ୍ଣ ହେବେ। ତେଣୁ ଯେଉଁ ରାଜନୈତିକ ଦଳ ଯୁବଗୋଷ୍ଠୀଙ୍କୁ ହାତକୁ ନେଇ ସେମାନଙ୍କ ପାଇଁ ବ୍ୟବସ୍ଥା ଭିତରେ ଯୋଜନାମାନ ପ୍ରଣୟନ କରିପାରିବେ ଓ ବେକାରଙ୍କୁ ନିଯୁକ୍ତି ଦେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଉଚ୍ଚତର ଗବେଷଣା ପାଇଁ ସହଯୋଗ କରିପାରିବେ ସେମାନଙ୍କୁ ନିଶ୍ଚିତ ଭୋଟ ମିଳିବ।

ଓଡ଼ିଶାରେ ନବୀନଙ୍କ ସରକାର ଦୀର୍ଘବର୍ଷ ହେବ ଶାସନ କ୍ଷମତାରେ ରହିବା ଫଳରେ ବିଜେଡିର ସ୍ୱେଚ୍ଛାଚାରିତା ବଢ଼ିଯାଇଥିବା ସବୁଠି ଆଲୋଚନା ହେଉଛି। ଯେଉଁଥିପାଇଁ ଦଳ ଭିତରେ କନ୍ଦଳ ବଢ଼ିବା ସହିତ ବିରୋଧୀମାନେ ବିଜେଡିକୁ ଟାର୍ଗେଟ କରିବା ପାଇଁ ଅତି ସହଜ ମନେ କରୁଛନ୍ତି। ରମଣଙ୍କ ଲୋକପ୍ରିୟତା ସତ୍ତ୍ୱେ ଛତିଶଗଡ଼ରେ ଯେଭଳି ଶାସନ କ୍ଷମତାରେ ପରିବର୍ତ୍ତନ ଆସିଲା ଓଡ଼ିଶାରେ ମଧ୍ୟ ନବୀନଙ୍କ ଯଥେଷ୍ଟ ଲୋକପ୍ରିୟତା ସତ୍ତ୍ୱେ ପରିବର୍ତ୍ତନ ଯେ ନହେବ ଏକଥା ଏବେଠାରୁ କହିହେବନାହିଁ। କିନ୍ତୁ ଏହା ବିଜେଡି ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। କାରଣ ପୂର୍ବରୁ ଓଡ଼ିଶାରେ କଂଗ୍ରେସର ଯେଉଁ ପତିଆରା କମିଯାଇଥିଲା ତାହାକୁ ବର୍ତ୍ତମାନର ନିରଞ୍ଜନଙ୍କ ନୂଆ ନେତୃତ୍ୱ ସୁଦୃଢ଼ କରୁଛି। ତେଣୁ ବିଜେଡି ଏବେ କେବଳ ବିଜେପି ସହିତ ନ ଲଢ଼ି କଂଗ୍ରେସ ସହିତ ମଧ୍ୟ ଲଢ଼ିବ। ଓଡ଼ିଶା ବିଜେପିରେ ଅପରାଜିତାଙ୍କ ଆବିର୍ଭାବ ପରେ ଦଳ ଭିତରେ ଶୃଙ୍ଖଳା ବଢ଼ିବା ସହିତ ତୃଣମୂଳସ୍ତରରେ ମଧ୍ୟ ବିଜେପି ପ୍ରତି ଲୋକେ ଅଧିକ ଆସ୍ଥାବାନ୍ ହେଉଛନ୍ତି। ପ୍ରଶାସନିକ ଅଭିଜ୍ଞତା ସହିତ ରାଜନୀତିର ବିଚକ୍ଷଣତାକୁ ନେଇ ଅପରାଜିତା ଯେଭଳି ସାଧାରଣ ଲୋକଙ୍କ ସମ୍ପର୍କରେ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଓଡ଼ିଶାରେ ଶାସନ ପରିବର୍ତ୍ତନର ଆଭାସ ଦେଉଛନ୍ତି ତାହା ବିଜେପି ପାଇଁ ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ଭାରତର ବିକାଶ ଏଜେଣ୍ଡା ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଓଡ଼ିଶାକୁ ଘନ ଘନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏସବୁ ଭିତରେ ପୂର୍ବରୁ ଆଲୋଚନା ହେଉଥିବା ପୁରୀ ଲୋକସଭାର ପ୍ରାର୍ଥୀ ଭାବେ ଯଦି ମୋଦି ନିର୍ବାଚନରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଉପକୂଳ ଓଡ଼ିଶାରେ ବିଜେପିର ପ୍ରଭାବ ନିଶ୍ଚୟ ବଢ଼ିବ। ଏସବୁ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଭାବମୂର୍ତ୍ତିକୁ ବଢ଼ାଇବା ପାଇଁ ନୂଆ ନୂଆ ଯୋଜନାମାନ କାର୍ଯ୍ୟକାରୀ କରି ସେଗୁଡିକ ପୁଣିଥରେ କିଭଳି ଲୋକପ୍ରିୟତା ହାସଲ କରିବ ସେଥିପାଇଁ ଯଥେଷ୍ଟ ଯତ୍ନବାନ ହେଉଛନ୍ତି। ରାତ୍ରିକାଳୀନ ଆହାର ହେଉ କିମ୍ବା ପିଠା, କାଳିଆ ଭଳି ଯୋଜନା ସାଧାରଣ ଲୋକଙ୍କ ନିକଟତର ହେବା ପାଇଁ ନିଶ୍ଚିତ ଏକ ବଳିଷ୍ଠ ମାଧ୍ୟମ ଭାବେ ନିଜର କ୍ରିୟାଶୀଳତାକୁ ବଜାୟ ରଖିବା ପାଇଁ ଅଣ୍ଟା ଭିଡିଛନ୍ତି। ହେଲେ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ଦୀର୍ଘବର୍ଷ ଧରି ଯେଉଁମାନେ ସମାଲୋଚନା କରୁଛନ୍ତି ସେମାନଙ୍କ ମୁହଁ ବନ୍ଦ କରି ଚାଷୀଙ୍କୁ ବିଜେଡି ପ୍ରତି ଅଧିକ ଆକୃଷ୍ଟ ହେବା ପାଇଁ ଯେଉଁ ଯୋଜନାମାନ କରାଯାଉଛି ସେଥିରୁ ପ୍ରକୃତ ଚାଷୀ ଉପକାର ପାଇବେ ତ? ସେହିଭଳି କେବଳ ଏସ୍‌ଏଚ୍‌ଜି ଜରିଆରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଚାହୁଁଥିବା ନବୀନ ସରକାର ଶିକ୍ଷିତ ବେକାର ଯୁବତୀଙ୍କ ପାଇଁ କର୍ମନିଯୁକ୍ତି ଏବଂ ସେମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ନ ଦେଲେ ନିର୍ବାଚନରେ ଏସ୍‌ଏଚ୍‌ଜି ଚାଲ ସଫଳ ହେଲା ଭଳି ମନେ ହେଉନି। ଶ୍ରୀମନ୍ଦିରରେ ବାରମ୍ବାର ବିଭ୍ରାଟ ହେବା, ପ୍ରଭୁ ଶ୍ରୀଜଗନ୍ନାଥ ଉପାସ ରହିବାକୁ ନେଇ ଭକ୍ତଙ୍କ ମନରେ ଯେଭଳି ଅଶାନ୍ତି ସୃଷ୍ଟି ହେଉଛି ତାହାର ସ୍ଥାୟୀ ନିରାକରଣ ନହେଲେ ଜଗନ୍ନାଥପ୍ରେମୀମାନେ ମଧ୍ୟ ନବୀନଙ୍କ ନିକଟରୁ ଦୂରତା ବଢ଼ାଇ ଚାଲିବେ। ତେଣୁ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତ ମଧ୍ୟରେ ଆଗାମୀ ନିର୍ବାଚନ ଯେ ସବୁ ରାଜନୈତିକ ଦଳ ପାଇଁ ଖଡ୍‌ଗ ଧାରରେ ଚାଲିବା ସଦୃଶ ହୋଇପାରେ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହମତ ନାହିଁ

**ଯୁଧିଷ୍ଠିର ମହାରଣା**

ଦେଶର ଶାସନ ଚଳାଇବା କାର୍ଯ୍ୟ ତିନୋଟି ବିଭାଗ ଉପରେ ପ୍ରଧାନତଃ ନିର୍ଭର କରେ। ସେଇ ତିନୋଟି ବିଭାଗ ହେଉଛି ବିଧିପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଶାସନର ଅଂଶ ନହୋଇ ବି ଗଣମାଧ୍ୟମକୁ ଶାସନର ଚତୁର୍ଥ ସ୍ତମ୍ଭ ଏଇ କାରଣରୁ କୁହାଯାଏ ଯେ ଶାସନ କାର୍ଯ୍ୟ ସମ୍ପର୍କରେ ତିନୋଟି ବିଭାଗ ଯାହା କରନ୍ତି, ସେସବୁ ଗଣମାଧ୍ୟମରେ ପ୍ରସାର ଓ ପ୍ରଚାର କରାଯାଇଥାଏ ଏବଂ ଏହାର ଭଲ ମନ୍ଦ ଦିଗ ସମ୍ପର୍କରେ ଲୋକମାନଙ୍କୁ ଜଣାଇଥାଏ। ସେହିପରି ଲୋକମାନଙ୍କର ଅଭାବ ଅସୁବିଧା ନୂଆ ଆଇନ ସମ୍ପର୍କରେ ପ୍ରତିକ୍ରିୟା ଶାସନର ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ଜନସାଧାରଣଙ୍କୁ ଜଣାଇଥାଏ। ଆମ ଦେଶର ଗଣମାଧ୍ୟମ ବେଶ ଦୃଢ଼ ଓ ସଚେତନ ଏବଂ ସ୍ୱାଧୀନତା ସଂଗ୍ରାମରେ ଏହାର ଅବଦାନ ଅନନ୍ୟ। ଏବେ ବି ସୁଶାସନ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରୂପେ ମିଳିନାହିଁ। କାର୍ଯ୍ୟପାଳିକାର ଅବହେଳା, ଭୁଲ ଓ ତ୍ରୁଟି ଯୋଗୁଁ ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ଲୋକମାନଙ୍କ ପାଖରେ ଠିକ ସମୟରେ ପହଞ୍ଚେ ନାହିଁ। ସେହିପରି କେତେକ ଜରୁରୀ ବିଷୟରେ ଲୋକମାନଙ୍କୁ ଅଧିକାର ଦେବା ପାଇଁ ବିଧିପାଳିକା ଅର୍ଥାତ୍ ବିଧାନସଭା ଯେପରି ଯଥା ସମୟରେ ନୂଆ ଆଇନ ପ୍ରଣୟନ କରିବ କିମ୍ବା ଆଇନକୁ ସଂଶୋଧନ କରିବା ତାହା ମଧ୍ୟ ହୁଏନାହିଁ। ଏ ଦୁଇଟି ବିଭାଗର କାର୍ଯ୍ୟ ଲୋକମାନଙ୍କର ଅଭାବ ଅସୁବିଧା ଦୂର କରିଥାଏ। ସେଥିରେ ତ୍ରୁଟି ହେଲେ ଲୋକମାନେ ନ୍ୟାୟପାଳିକାର ଆଶ୍ରୟ ନିଅନ୍ତି। ଭାରତୀୟ ନ୍ୟାୟ ପ୍ରଦାନ ସଂସ୍ଥାର ଐତିହ୍ୟ ଏବଂ ପରମ୍ପରା ଉଚ୍ଚକୋଟୀର। ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଲୋକମାନଙ୍କର ବଞ୍ଚିବା ଅଧିକାର, ମତପ୍ରକାଶ କରିବା ଅଧିକାର, ବିଶ୍ୱାସ ଅନୁସାରେ ପୂଜା ପ୍ରାର୍ଥନା କରିବା ଅଧିକାର ପ୍ରଭୃତି ସମ୍ବିଧାନ ପ୍ରଦତ୍ତ ଅଧିକାର କାର୍ଯ୍ୟକାରୀ



କରିବାରେ ଯଦି ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସଂଯୋଗ ଓ ସହଯୋଗ ନଥାଏ ବା ଆଇନର ଦୁରୁପଯୋଗ କରି ଶାସନ କିଛି ନୀତି ବହିର୍ଭୂତ କାର୍ଯ୍ୟ କରେ। ତେବେ ଜନସାଧାରଣ ହିଁ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। ଏଇ କାରଣରୁ ନ୍ୟାୟାଳୟରେ ଶୂନ୍ୟପଦ ରହିବା ଉଚିତ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟର ପ୍ରାୟ ଛଅଟି ପଦ ଖାଲି ରହିଥିବାବେଳେ ୨୪ଟି ଉଚ୍ଚନ୍ୟାୟାଳୟର ୪୦୦ରୁ ଅଧିକ ବିଚାରପତି ପଦ ଖାଲି ରହିଛି। ଜିଲ୍ଲାସ୍ତରୀୟ ନ୍ୟାୟାଳୟ ପାଇଁ ଭିନ୍ନ ବ୍ୟବସ୍ଥା ଥିବାବେଳେ ଉଚ୍ଚ ନ୍ୟାୟାଳୟରେ ଅଧିକାର ଓ କର୍ତ୍ତବ୍ୟ ଜନସ୍ୱାର୍ଥ ରକ୍ଷା ପାଇଁ ଅଧିକ ଉପଯୋଗ ହେଉଥିବାରୁ ଉଚ୍ଚନ୍ୟାୟାଳୟମାନଙ୍କରେ ଅଧିକ ଖାଲି ପଦ ରହିଥିବାରୁ ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବରେ ହେଉଛି। ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚନ୍ୟାୟାଳୟ ପାଇଁ ବିଚାରପତି ମନୋନୟନ ଓ ନିଯୁକ୍ତି କରିବା କାମ ସର୍ବୋଚ୍ଚନ୍ୟାୟାଳୟର ୪ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ ସମ୍ପାଦନ କରିଥାଏ। ଉଚ୍ଚ ନ୍ୟାୟାଳୟର ବିଚାରପତି ପଦ ମନୋନୀତ କରିବା କଲେଜିୟମ ହାତରେ ନ୍ୟସ୍ତ ଥାଏ। ନ୍ୟାୟ ବିଭାଗକୁ କାର୍ଯ୍ୟପାଳିକା ଓ ରାଜନୀତିକ ପ୍ରଭାବରୁ ମୁକ୍ତ ରଖିବା ପାଇଁ କଲେଜିୟମ ବ୍ୟବସ୍ଥା ସୁଚାରୁରୂପେ କାର୍ଯ୍ୟ କରି ଆସୁଛି। କିନ୍ତୁ ଏଥିରେ କାର୍ଯ୍ୟପାଳିକାର କୌଣସି ଭୂମିକା ରହୁନଥିବାରୁ ବିଚାରପତି ମନୋନୟନ, ନିଯୁକ୍ତି ଓ ଉତ୍ତରଦାୟିତ୍ୱ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ବିଲ ପ୍ରଣୟନ କରିଥିଲେ। କିନ୍ତୁ ତାହା ବିରୋଧରେ ବୃହତ୍ତର ଜନସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରାଯିବାରୁ ସର୍ବୋଚ୍ଚ ନ୍ୟାୟାଳୟ ସେଇ ଆଇନ ଅସିଦ୍ଧ କରିଦେଲେ। ତାପରେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ମନାନ୍ତର ଓ ମତାନ୍ତର ବଢ଼ିବାରେ ଲାଗିଛି। କେତେମାସ ପୂର୍ବେ ଖାଲିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ନିଯୁକ୍ତ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମୋଦନ କରିଥିବା ୭୭ ଜଣ ପ୍ରାର୍ଥୀଙ୍କ ନାମ ସରକାରଙ୍କ ପାଖକୁ ପଠାଇଥିଲେ। ସେଥିରେ ଅନେକ ବିଳମ୍ବ ଘଟିବାରୁ ସର୍ବୋଚ୍ଚ ନ୍ୟାୟଳୟ ପ୍ରଧାନ ବିଚାରପତି ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଶେଷରେ ସରକାର ଏଥିରୁ ୩୪ ଜଣଙ୍କୁ ନିଯୁକ୍ତି ଦବା ପାଇଁ ନିଷ୍ପତ୍ତି ନେଲେ ଏବଂ ଆଉ ୪୪ଜଣଙ୍କ ନାମ ସର୍ବୋଚ୍ଚ ନ୍ୟାୟାଳୟକୁ ଫେରାଇ ଦେଲେ। ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତିଙ୍କ ଦ୍ୱାରା ମନୋନୀତ ୪୪ଜଣଙ୍କର ନାମ ସରକାର ଅନୁମୋଦନ ନକରିବା ଏକ ବିରଳ ଘଟଣା। ପ୍ରଥମ କଥା ହେଉଛି ଯେ ଏହି ୪୪ଜଣଙ୍କୁ ସରକାର କାହିଁକି ଗ୍ରହଣ କଲେ ନାହିଁ ସେ ବିଷୟରେ ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ ଜଣାଇଥିବେ। ସରକାରଙ୍କ ସୁପାରିଶ ଯଦି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ ଗ୍ରହଣ ନକରନ୍ତି ଏବଂ ସେହି ନାମ ପୁନର୍ବାର ସରକାରଙ୍କ ପାଖକୁ ପଠାନ୍ତି ତେବେ ସେ ୪୪ଜଣଙ୍କୁ ମଧ୍ୟ ନିଯୁକ୍ତି ଓ ଉତ୍ତରଦାୟିତ୍ୱ ଆଇନ ରଦ୍ଦ ରକିଦେବା ପରେ ଆଉ ଏ ବିଷୟ ଯେ ଅଧିକ ଘଣ୍ଟାଚକଟା ନକରି ଅବଶିଷ୍ଟ ୪୪ଜଣଙ୍କୁ ସରକାର ନିଯୁକ୍ତି ଦବା ପାଇଁ ଯଦି ରାଜି ହୁଅନ୍ତି ତେବେ ଗୃହପ୍ରବେଶ ପୂର୍ବରୁ ମଥାରେ ଚାଳ ବାଜିବା ପରି ଅବସ୍ଥା ସୃଷ୍ଟି ହେବ। ଏଇ ବ୍ୟବସ୍ଥା ଅନୁସାରେ ଯଦି ବିଚାରପତି ନିଯୁକ୍ତି କରାନଯାଏ ବା ସେଥିରେ ବିଳମ୍ବ ହୁଏ ତେବେ ଅଦାଲତ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କୁହାଯାଇଛି ଯେ ବିଳମ୍ବରେ ନ୍ୟାୟ ପ୍ରଦାନ କରିବା ନ୍ୟାୟ ନଦେବା ସହିତ ସମାନ। ସୁତରାଂ ଏ ବିଷୟରେ ସୁପ୍ରିମକୋର୍ଟ ଓ ସରକାରଙ୍କ ମଧ୍ୟରେ ଯେତେ ଶୀଘ୍ର ବୁଝାମଣା ଓ ନିଷ୍ପତ୍ତି ନିଆଯାଇପାରେ ତାହା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସେହି ପରିମାଣରେ ଲୋକାଭିମୁଖୀ କରିବ। ଉଭୟଙ୍କ ମଧ୍ୟରେ ବୁଝାମଣା ଜନସ୍ୱାର୍ଥ ରକ୍ଷା କରିବା ଦିଗରେ କେବଳ ସହାୟକ ହେବ ନାହିଁ, ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଗତିଶୀଳ କରିବ।


*ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ*
*ମୋ : ୯୪୩୭୧୬୩୫୨୮*


# ଖାପ୍ ପଞ୍ଚାୟତ ପାଇଁ ଖାପ



**ଝରଣା ପଣ୍ଡା**

ଜାତି, ଗୋଷ୍ଠୀ ବା ପରିବାରର ମାନସମ୍ମାନ ରକ୍ଷା ନାଁରେ ଦେଶରେ ଅନେକ ଅପରାଧ ସଂଘଟିତ ହୋଇଥାଏ। ଏଥିପାଇଁ ଭାରତୀୟ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିପ୍ରଥା ହୁଏତ ଅନେକାଂଶରେ ଦାୟୀ, କିନ୍ତୁ ଏହା ବାଦ୍ ଆହୁରି କେତେକ କାରଣ ମଧ୍ୟ ରହିଛି। ଭାରତୀୟ ସମାଜର ସାମନ୍ତବାଦୀ ସଂରଚନା, ମନରେ ବଦ୍ଧମୂଳ ହୋଇ ରହିଥିବା ଘୃଣା ବା ଅସହିଷ୍ଣୁତା ଏବଂ ପିତୃକୈନ୍ଦ୍ରିକ ମନୋବୃତ୍ତି ଏପରି 'ଅନର କିଲିଂ' ବା 'ପରିବାରର ମାନ ଇଜ୍ଜତ ରକ୍ଷା କରିବା ପାଇଁ ହତ୍ୟା ପଛରେ ରହିଥିବା ଅନ୍ୟାନ୍ୟ କାରଣ। ଆଇନକାନୁନ୍ ତିଆରି କରି ଏଭଳି ମାନସିକତାକୁ ରାତାରାତି ହଟାଇ ଦେବା ତ ସମ୍ଭବପର ନୁହେଁ, ତଥାପି ଏକ କଠୋର ଆଇନ ବ୍ୟବସ୍ଥା ମାନସମ୍ମାନ ବା ଇଜ୍ଜତ ନାଁରେ ସମାଜରୁ ସଂଘଟିତ ହେଉଥିବା ହତ୍ୟା ବା ସାମାଜିକ ବାସନ୍ଦ କରିବା ଭଳି ମଧ୍ୟଯୁଗୀୟ ମାନସିକତାକୁ ଦୂର କରିବାରେ ଅନେକ ପରିମାଣରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ତେଣୁ ଆନ୍ତଃଜାତି ବା ସମାନ ଗୋତ୍ରରେ ବିବାହକୁ ବିରୋଧ କରୁଥିବା ବୟସ୍କ ଲୋକମାନଙ୍କୁ ନେଇ ଗଠିତ ଖାପ୍ ପଞ୍ଚାୟତ ଗୁଡ଼ିକ ସମ୍ବନ୍ଧରେ ସୁପ୍ରିମକୋର୍ଟଙ୍କ କଟୁ ମନ୍ତବ୍ୟ ପ୍ରଦାନ ଏବଂ ସେମାନଙ୍କୁ କାବୁ କରିବା ପାଇଁ ଦୃଢ଼ହସ୍ତରେ ସେମାନଙ୍କୁ ଦମନ କରିବାକୁ ଫତଓ୍ୱା ଜାରି କରିବା ବା ନିର୍ଦ୍ଦେଶ ଦେବା ବେଶ ଗୁରୁତ୍ୱ ରଖେ। ପରସ୍ପରକୁ ଭଲ ପାଉଥିବା ଯୁବକ ଯୁବତୀଙ୍କ ବିବାହ କରିବାର ଯୋଜନାକୁ ପଣ୍ଡ କରିଦେବା, ପୁଣି ଜାତିଆଣ ଭାବ ଭଳି ଏକ ପୁରୁଣାକାଳିଆ ପ୍ରଥା ଆଳରେ କନ୍ୟା ବା ବରକୁ ହତ୍ୟା କରିବା ଠାରୁ ଘୃଣ୍ୟ କାମ କିଛି ନାହିଁ। ସାମ୍ପ୍ରତିକ ସମୟର ବିଜ୍ଞାନ ଯୁଗରେ ଏହାର ଆଦୌ ସ୍ଥାନ ନଥିବା ବେଳେ ସମାନତାର ଅଧିକାର ବହନ କରୁଥିବା ଏକ ଗଣତାନ୍ତ୍ରିକ ଦେଶରେ ଏପରି କାର୍ଯ୍ୟ ଉପରୋକ୍ତ ନୀତିର ମୂଳଦୁଆ ପ୍ରତି ଆହ୍ୱାନ ସୃଷ୍ଟି କରିଥାଏ। ତେଣୁ ଆନ୍ତଃଜାତି ଦମ୍ପତିଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପୁଲିସକୁ କୋର୍ଟଙ୍କର ନିର୍ଦ୍ଦେଶ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଏହା ହୋଇ ପାରିଲେ ଆନ୍ତଃଜାତି ବିବାହ ବା ସମାନ ଗୋତ୍ରରେ ବିବାହ ପ୍ରତି ରହିଥିବା ଘୃଣା ଭାବ ଅନେକାଂଶରେ ହ୍ରାସ ପାଇବ। ପୁନଶ୍ଚ, କେବଳ ଖାପ୍ ପଞ୍ଚାୟତଗୁଡ଼ିକ ଉପରେ ଲଗାମ କଷିଦେଲେ ହେବନାହିଁ, ଦେଶର ଅନ୍ୟାନ୍ୟ ବହୁ ରାଜ୍ୟ ଯେଉଁଠି ଜାତିପ୍ରଥାର ଏବେ ସୁଦ୍ଧା ସମାଜ ବ୍ୟବସ୍ଥା ଉପରେ ଯଥେଷ୍ଟ ପ୍ରଭାବ ରହିଛି, ସେସବୁ ରାଜ୍ୟରେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବା ଉଚିତ।

ଖାପ୍ ପଞ୍ଚାୟତ ଗୁଡ଼ିକ ବିରୁଦ୍ଧରେ ପ୍ରଥମ ଥର ପାଇଁ ସର୍ବୋଚ୍ଚ ଅଦାଲତ ମୁହଁ ଖୋଲିଛନ୍ତି, ତା ନୁହେଁ। ପୂର୍ବ ରାୟଗୁଡ଼ିକ ମଧ୍ୟ ଏକଥା ସ୍ପଷ୍ଟ କରିସାରିଛି ଯେ ପ୍ରାପ୍ତବୟସ୍କମାନଙ୍କର ପସନ୍ଦ କରିବାର ବିଶେଷକରି ପ୍ରେମ ଓ ବିବାହ ବ୍ୟାପାରରେ ଅଧିକାରରେ କୌଣସି କ୍ଷେତ୍ରରୁ ହସ୍ତକ୍ଷେପ ହେବା ଉଚିତ ନୁହେଁ। ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଦୀପକ୍ ମିଶ୍ରଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ତାଙ୍କର ସାମ୍ପ୍ରତିକ ରାୟରେ ଏହି ସମସ୍ୟାଟିକୁ ନିରୂପଣ କରିଛନ୍ତି ଯାହା ବ୍ୟକ୍ତିବିଶେଷଙ୍କର ସ୍ୱାଧୀନତା ଓ ମର୍ଯ୍ୟାଦାର ଉଲ୍ଲଙ୍ଘନ କରୁଛି ଏବଂ ଏହାର ସୁରକ୍ଷା ନିମନ୍ତେ ପ୍ରତିଷେଧମୂଳକ, ପ୍ରତିକାରମୂଳକ ତଥା ଦଣ୍ଡବିଧାନ ଭଳି ପଦକ୍ଷେପମାନ ନିଆଯିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ସୁପ୍ରିମକୋର୍ଟ ଆହୁରି ପାଦେ ଆଗେଇ ଯାଇ ବିପଦାପନ୍ନ ଦମ୍ପତିଙ୍କୁ ସୁରକ୍ଷା ଗୃହ ଯୋଗାଇ ଦେବାକୁ ପୁଲିସକୁ କହିଛନ୍ତି। ପୁଣି ଖାପ୍ ପଞ୍ଚାୟତଗୁଡ଼ିକୁ ଏଭଳି ବେଆଇନ ନିଷ୍ପତ୍ତି ନେବାରୁ ନିବୃତ୍ତ କରିବା ଲାଗି ପ୍ରବର୍ତ୍ତାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଆପାତତଃ ଏକ ନରମ ପନ୍ଥା ଭଳି ମନେହୁଏ। କିନ୍ତୁ ସଙ୍ଗେ ସଙ୍ଗେ କୋର୍ଟ ଏଭଳି ନିଷ୍ପତ୍ତି ନେବା ପାଇଁ ହେଉଥିବା ମେଳିକୁ ପ୍ରତିହତ କରିବା ପାଇଁ ଏପରିକି ଏହାକୁ ରୋକିବା ପାଇଁ ଗିରଫ କରିବା ନିମନ୍ତେ ମଧ୍ୟ ପୁଲିସକୁ କ୍ଷମତା ଦେଇଛନ୍ତି। ତେବେ ଏଭଳି ବିବାହ ପ୍ରତି ସମର୍ଥନ ହାସଲ କରିବା ନିମନ୍ତେ ସମାଜର କେତେକ ବର୍ଗଙ୍କ ହୃଦୟରେ ପ୍ରକୃତ ପରିବର୍ତ୍ତନ ଆସିବା ପାଇଁ ହୁଏତ ଆହୁରି ଅନେକ ବର୍ଷ ଲାଗିଯାଇ ପାରେ। କାରଣ, ସହରାଞ୍ଚଳରେ ମିଳୁଥିବା ଅନେକ ପ୍ରକାରର ସୁବିଧା ସୁଯୋଗ ବିଶେଷକରି ମୌଳିକ ସମାନତାରୁ ବଞ୍ଚିତ ଗ୍ରାମାଞ୍ଚଳର ଲୋକମାନଙ୍କ ଭିତରୁ ଅନେକ ଏବେ ବି ବିଶ୍ୱାସ କରନ୍ତି ଯେ ନିଜ ପାଇଁ ଆଇନ ତିଆରି କରିବାର ଦାୟିତ୍ୱ ସେମାନଙ୍କର। ତେଣୁ ଏ କ୍ଷେତ୍ରରେ ପ୍ରକୃତ ଆହ୍ୱାନ ହେଉଛି ସମାଜରେ ସଂସ୍କାର ଆଣିବା। ସମାଜରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶାବଳୀର କିଛି ଉଲ୍ଲେଖନୀୟ ପ୍ରଭାବ ପକାଇବାର ସମ୍ଭାବନା ରଖୁଥିବାବେଳେ ରାଜ୍ୟମାନେ ଏହାକୁ ପାଳନ କରିବେ ବୋଲି ଧରିନେଇ କେନ୍ଦ୍ର ସରକାର ସନ୍ତୁଷ୍ଟ ହେଲେ ଚଳିବ ନାହିଁ। ଅନର କିଲିଂ ଏବଂ ବିବାହ କ୍ଷେତ୍ରରେ ପସନ୍ଦ କରିବାର ଅଧିକାର ସୁରକ୍ଷା ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର ମଧ୍ୟ ତତ୍ପରତା ପ୍ରକାଶ କରିବା ଆବଶ୍ୟକ।


*ଓ୍ୱେଲବିଙ୍ଗ, ବିଜୁ ପଟ୍ଟନାୟକ ଛକ,*
*ତୁଳସୀପୁର, କଟକ*
*ମୋ : ୦୬୭୧୨୩୦୨୩୦୦*


# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୩୮

**"ଜଗତ ମଧ୍ୟରେ ତୋହର**
**ପରାୟେ ଧନ କେହୁ ସଞ୍ଚୁଅଛି।**
**କେତେ ଧନେଶ୍ୱର ତେଜିଣ ସମ୍ପତ୍ତି**
**ଯୋଗୀ ହୋଇଣ ବୁଲନ୍ତି ॥"**

**କୈ**ବର୍ତ୍ତୀର ମୁଖରୁ ଏପରି ବଚନ ଶ୍ରବଣକରି ହାଡ଼ିପା ଚିନ୍ତାକଲେ ଗୋବିନ୍ଦ ଚିତ୍ତରୁ ମାୟାବିକାର ପରିଷ୍କାର କରିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସ୍ଥାନ। ଏହାପରେ ଗୋବିନ୍ଦ ବୀଜମନ୍ତ୍ର ଗ୍ରହଣକରି ସ୍ୱର୍ଗବାଟରେ ଅଗ୍ରସର ହେବ। ସାଧକ ହୃଦୟରେ ସାମାନ୍ୟତମ ମାୟାକଳୁଷତା ଥିବା ପର୍ଯ୍ୟନ୍ତ ପ୍ରଗତିର ଦିବ୍ୟ ବୀଜମନ୍ତ୍ରକୁ ସ୍ମୃତିପଟଳ ଧରି ରଖି ପାରେନାହିଁ। ଆଶ୍ରିତ ଗୋବିନ୍ଦର ମୋର ସିଦ୍ଧଜ୍ଞାନ ଶକ୍ତିବଳରେ ମୃତ୍ୟୁଯୋଗ ଖଣ୍ଡନ ହୋଇଥିଲେ ମଧ୍ୟ ସେ ପୂର୍ଣ୍ଣାଙ୍ଗ ଭାବରେ ମାୟାମୁକ୍ତ ନୁହନ୍ତି। ଯେପରି ମନୁଷ୍ୟ ଦେହରୁ ଯେତେ ଧୂଳି ସଫା କଲେ ବି ବାୟୁଦ୍ୱାରା ପୁନଃଶ୍ଚ ଦେହରେ ଧୂଳି ଜମିଥାଏ, ସେହିପରି ମାୟା ବାରମ୍ବାର ସାଧକକୁ ଭ୍ରମିତ କରିଥାଏ। ଏଇଠାରେ ରହି ଗୋବିନ୍ଦ ମହାମାୟାଙ୍କର ସନ୍ତୋଷ ବର୍ଦ୍ଧନ କରିବା ଉଚିତ ହେବ। ଏପରି ଶୁଭଚିନ୍ତି ହାଡ଼ିପା କୈବର୍ତ୍ତୀ ମୁଖକୁ ଚାହିଁ କହିଲେ-ତୁମେ ଜଣେ ଧାର୍ମିକନାରୀ ଜାଣିବା ପରେ ଆମେ ତୁମ ଗୃହକୁ ଚାଲି ଆସିଛୁ। ଆମେ ଦୁହେଁ ଗୁରୁଶିଷ୍ୟ। ସିଦ୍ଧଯୋଗୀ ହାଡ଼ିପା ନାମରେ ଜଗତବିଦିତ ମୋର ଦେହୀ କ୍ଷୁଧାରୁ ବଞ୍ଚିତ। କ୍ଷୁଧା ମୋର ଇଚ୍ଛାକୃତ। ପବନ ମୋହର ଆହାର। ମାତ୍ର ମୋର ଏଇ ଶିଷ୍ୟ ପାଇଁ ଚିନ୍ତିତ ହୋଇପଡ଼ିଛି। ଦୀର୍ଘ ତପସ୍ୟା ନିମନ୍ତେ ମୋତେ ଏବେ ମେରୁପର୍ବତ ପୃଷ୍ଠକୁ ଯିବାର ଅଛି। କେତେମାସ ସେଠାରେ ରହି ଫେରି ଆସିବି। ସେ ପର୍ଯ୍ୟନ୍ତ ମୋର ଏଇ ଶିଷ୍ୟ ତୁମ ହେପାଜତରେ ରହିବ। ଏହାଙ୍କୁ କର୍ମରେ ଲଗାଇ ଦିନକୁ ମାତ୍ର ପାଞ୍ଚମୁଠା ତଣ୍ଡୁଳ ଭିକ୍ଷା ଦେଉଥିବ। ଭୃତ୍ୟ ପ୍ରାୟ କର୍ମରେ ଲଗାଇବ। ତୁମ ଧନସମ୍ପତ୍ତି ଠିକ୍‌ମତେ ଦେଖାଶୁଣା କରୁଛି ନା ନାହିଁ ଫେରି ଆସିବା ପରେ ମୋତେ କହିବ।

ହାଡ଼ିପାଙ୍କ ମଧୁର ବଚନ ଶ୍ରବଣକରି କୈବର୍ତ୍ତୀ କରଯୋଡ଼ି ବିନୟରେ କହିଲେ- ହେ'ମହାରାଜ, ତୁମେ ଏତେବଡ଼ ମହାପୁରୁଷ ହୋଇ ମୋ ଘରେ ପାଦଦେଇଛ ଜାଣିବା ପରେ ମୋ ହୃଦୟ ଆନନ୍ଦରେ ଭରିଯାଇଛି! ତୁମେ ମୋରଅତିଥି ଭଗବାନ! ଯୋଗୀମାନଙ୍କ ସେବା ସାକ୍ଷାତ ଭଗବାନଙ୍କ ସେବା ସହିତ ସମାନ! ତୁମେ ମେରୁପର୍ବତ ଯାଇ ଫେରିଆସ। ଏଇ ଗୃହରେ ତୁମେ ଶିଷ୍ୟକୁ ଧରି ସାଧନକର। ଆହୁରି ଅନେକ ଯୋଗୀଙ୍କୁ ଆମନ୍ତ୍ରଣ କରି ସାଙ୍ଗରେ ଧରି ଆସ। ମୋ ମୁଢ଼ି ବେଉସାରୁ ସଭିଙ୍କ ଭାରା ସମ୍ଭାଳି ନେବି। ସାଇତାଧନ ଧର୍ମବାଟରେ ବିତରଣ ହେଲେ ମୁକ୍ତିପଥକୁ କାରଣ ହେବ! କୈବର୍ତ୍ତୀର ଭାବଭକ୍ତି ଦେଖି ହାଡ଼ିପା ବିସ୍ମିତ ହୋଇପଡ଼ିଲେ! ଆଶୀର୍ବାଦ ଦେଇ କହିଲେ- ଆମେ ଧନ୍ୟ ହେଲୁ କୈବର୍ତ୍ତୀ। ତୁମର ସାହାସ, ଧୈର୍ଯ୍ୟ ସର୍ବୋପରି ଯୋଗୀରାଜ ସଦାଶିବଙ୍କ ପ୍ରତି ପ୍ରଗାଢ଼ଭକ୍ତି ଯୋଗୁଁ ତୁମ ନାରୀଜନ୍ମ ସଫଳ ହୋଇଛି। ଏଇ ଜନ୍ମରେ ତୁମେ ଅବଶ୍ୟ ଆତ୍ମସଫଳତା ଲାଭକରିବ। ତହିଁପରେ ହାଡ଼ିପା ଗୋବିନ୍ଦଙ୍କୁ ଚାହିଁ କହିଲେ ବତ୍ସ ଗୋବିନ୍ଦ, ତୁମେ ଏଇଗୃହରେ ବାସକରି ଏଇ କୈବର୍ତ୍ତୀ ମା'ର ସେବାରେ ବ୍ରତୀରୁହ। ଆଗାମୀ କେତେକାଳ ନିଶ୍ଚଳ ତପସାଧନ ନିମନ୍ତେ ପବିତ୍ରମେରୁ ପର୍ବତ ଅଭିମୁଖେ ମୋର ଏବେ ଯାତ୍ରା ଆରମ୍ଭହେବ। ମୋର ଫେରନ୍ତାକାଳ ପର୍ଯ୍ୟନ୍ତ ତୁମେ ଏଇଠାରେ ଅଟକିଗଲେ ତୁମର ଅବଶ୍ୟ ମଙ୍ଗଳ ହେବ! ଏତିକି କହି ହାଡ଼ିପା ବେତାଳଙ୍କୁ ସ୍ମରଣ କଲେ। ବେତାଳଗଣ ପହଞ୍ଚିବା ପରେ ମେରୁପର୍ବତ ପୃଷ୍ଠରେ ପହଞ୍ଚାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଲେ।


ହାଡ଼ିପା ଅନ୍ତର୍ଦ୍ଧାନ ହେବା ପରେ କୈବର୍ତ୍ତୀ ଗୋବିନ୍ଦଙ୍କୁ ଚାହିଁ କହିଲେ-ଆସ ଯୋଗୀପୁଅ, ଭିତର ଘରକୁ ଆସ। ଦେଖ, କିପରି ଭରଣ ଭରଣ ଧାନ ସାଇତା ହୋଇ ରହିଛି। ଖଳାବାଡ଼ିରେ କଳେଇଗଦା ଦେଖ। ଆହୁରି କେତେ ଧାନ ସୁଧକୁ ଲାଗିଛି। ଯେଉଁ ଲୋକ ଦଶଗୌଣି ଧାନନେବ ବର୍ଷକରେ ସୁଧମୂଳ କରି ପନ୍ଦରଗୌଣି ଅସୁଲ ହେବ। ଏଥିରୁ ବହିର୍ଭୁତ ହେଲେ ମୋ ଦ୍ୱାରରୁ କରଜ ନେବା ମନା। ଆଉ ଏପଟକୁ ଦେଖ ଯୋଗୀପୁଅ, ଗୋ-ସମ୍ପଦମାନଙ୍କୁ ଦେଖ! ବାରଗଣ୍ଡା ଗୁହାଳରେ ସେମାନଙ୍କୁ ସମ୍ପାଦିଛି। ଏକୁଟିଆ ଏତେ ଗୋରୁଙ୍କୁ କେତେକଷ୍ଟରେ ସମ୍ଭାଳିଛି ଦେଖ। ଦିବସରେ ଗଉଡ଼ ଚାରଣଭୂମିକୁ ନେଇଯାଏ। ରାତ୍ରରେ କୁଣ୍ଡା ତୋରାଣି ଦେଇ ଏମାନଙ୍କୁ ସନ୍ତୋଷ କରିଥାଏ। ମୋର ବଡ଼ଭାଗ୍ୟ ତୁମଭଳି ଯୋଗୀପୁଅଟିଏ ପାଇଛି! ଯୋଗୀଙ୍କ ପୁଅ କଲେ ମାଆର ପଣତକାନି ଲମ୍ବିଯାଏ! ଧର୍ମର ଭଣ୍ଡାର ଭରିଯାଏ! ମରଣପଥକୁ ସେଇ ଏକା ସାହାଭରସା! ଆହୁରି କଥାଏ ଶୁଣ ଯୋଗୀପୁଅ, ଆସନ୍ତା ଦିବସରୁ ତୁମେ ମୋର ବ୍ୟବସାୟ ଭାରଗ୍ରହଣ କରି ମୋତେ ଜଞ୍ଜାଳମୁକ୍ତ କରିବ। ବେପାରରେ ଧର୍ମ ଅଧର୍ମ ବାରିବ ନାହିଁ। ଧାନ ଅଢ଼ାଏ ରଖି ଦି'ଅଢ଼ା ମୁଢ଼ି ଦେଉଥିବ। ଧାନ ବଡ଼ ଅଢ଼ାରେ ଆଣିବ, ମୁଢ଼ି ସାନଅଢ଼ାରେ ଦେଉଥିବ। ଧାନ କରଜରେ ଲଗାଇଲେ ଦେଢ଼ା ଆଦାୟ କରିବ। କ୍ଷୀର ଓ ଗାଈ କିଣାବିକା ବେଳେ ମୋତେ ପଚାରି ବୁଝିବ। ଏଥିରୁ ଆନ ହେଲେ ମୋ ବେପାର ବୁଡ଼ିଯିବ। କୈବର୍ତ୍ତୀଙ୍କ ମୁଖରୁ ଏପରି ବିପରୀତ ଭାବକଥା ଶ୍ରବଣକରି ଗୋବିନ୍ଦ ବିନମ୍ର ବଚନରେ କହିଲେ-ମାତା, ଏତେ ଧନ ସାଇତି ପୁଣି କାହିଁକି ଧନସଞ୍ଚୟରେ ଏତେ ମନ ବଳାଉଛ! ଲୋଭରେ ବଶବର୍ତ୍ତୀ ହୋଇ ଯେଉଁ ଧନ ସାଇତିବ, ସେଇ ଧନ ସୁଖଶାନ୍ତି ଦେଇ ପାରିବ ନାହିଁ। ଅଧର୍ମ ବିତ୍ତ, ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ! ଏଇ ଶାସ୍ତ୍ରବାଣୀ କେବେ ଅନ୍ୟଥା ହୋଇ ନାହିଁ। ଯେଉଁ ଅର୍ଜିତଧନ ପିଣ୍ଡକୁ ସୁଖ, ଗତିପଥର ଦୁଃଖ, ସେପରି ଧନପ୍ରତି ତୁମେ ଆସକ୍ତ ହୋଇପଡ଼ିଛ! କେତେ ଧନୀ, ମହାଧନୀ, ରାଜା, ଋଷି ସମ୍ପତ୍ତି ତ୍ୟାଗକରି ଯୋଗୀ ହୋଇ ବୁଲୁଛନ୍ତି! ତୁମେ ଅଧର୍ମ, ଠକେଇ ଧନସାଇତି କି ପୁଣ୍ୟ ଅର୍ଜିବ! ଧର୍ମଦଣ୍ଡରେ ମାପଚୁପ କରି ବ୍ୟବସାୟ କଲେ, ସେ ବେପାର କାଳ କାଳକୁ ତିଷ୍ଠିବ। ଧର୍ମବାଟରେ ବ୍ୟବସାୟ କରି ତୁମର ଧନ ଆହୁରି ବଢ଼ାଇଦେବି। ମାତ୍ର ଶାସ୍ତ୍ରମତେ ବ୍ୟବସାୟର ଅତିରିକ୍ତ ଲାଭାଂଶକୁ ଜଗତକଲ୍ୟାଣରେ ଦାନ କରିଦେବ! ସେଇ ଫଳ ଏକା ତୁମ ବୃଦ୍ଧାବୟସକୁ ସାହାଭରସା ହେବ! ତୁମ ଯୋଗୀପୁଅର ନିବେଦନ ଘେନା କର ମାତା। ମୋକ୍ଷପଥରେ ଗତିକର! ପୁଣି ଆଗାମୀ ଭବିଷ୍ୟରେ ସାକ୍ଷାତ ହେବା!


ହରି ଓଁ ତତସତ୍!


*ଦୂରଭାଷ-୯୬୬୮୬୩୧୨୫୭*

# ଅସ୍ତ ସୂର୍ଯ୍ୟର ଆଭା

ଡକ୍ଟର ସ୍ମୃତି ପଟ୍ଟନାୟକ





**ଗାଁ**ରେ ମୁଁ ପହଞ୍ଚିଲା ବେଳକୁ ମୁହଁ ସଞ୍ଜ ଏବଂ ପାହାଡ଼ ପଛପଟ ଲୁଚୁଥିବା ସୂର୍ଯ୍ୟର ଗୋଧୂଳି ଭାରି ଚମତ୍କାର, ମନରେ ପୁଲକ ଭରିଦିଏ। ଗାଁରେ ଗଛପତ୍ର ଅଧିକା ଯୋଗୁ ସହରଠାରୁ ଅଧିକ ଥଣ୍ଡା ଲାଗୁଥାଏ। ଦାଣ୍ଡ ପିଣ୍ଡାରେ ଚେୟାର୍‌ରେ ବାପା ସାଲ୍ ଘୋଡ଼େଇ ପୋଡ଼େଇ ହୋଇ ବସିଥାନ୍ତି। ତାଙ୍କ ପାଖରେ ଆଉ ଗୋଟାଏ ଚେୟାରରେ ମୋ ବଡ଼ବାପାଙ୍କ ପୁଅ ଶ୍ୟାମଭାଇ ବସି ଗପସପ କରୁଥାନ୍ତି। ବାପା ମୋତେ ଦେଖି ଅଭିଭୂତ ହୋଇଗଲେ। ଚେୟାର୍‌ରୁ ଉଠି କୁଣ୍ଢାଇ ପକାଇଲେ ଓ ତାଙ୍କ ଛାତିରେ ଜାକି ଧରିଲେ। ମୋ ମୁଣ୍ଡକୁ ତାଙ୍କ ହାଡୁଆ ହାତରେ ଆଉଁସି ପକାଇଲେ। ଆଖି କୋଣରେ ଲୁହ ଜକେଇ ଆସିଲା ତାଙ୍କର। ମୋ ଛାତି ଭିତରଟା ଥରି ଉଠିଲା ସତେ ଯେପରି, କୋହଭରା ସ୍ୱରରେ ବାପା କହିଲେ, ଏତେଦିନ ପରେ ତୋର ଏ ବୁଢ଼ାବାପା କଥା ମନେ ପଡ଼ିଲା ? ବୋହୂ ଓ ପିଲାମାନଙ୍କୁ ସାଙ୍ଗରେ ଆଣିଲୁନି ? ମୁଁ ବାପାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲି, ବାପା ପିଲାଙ୍କର ସ୍କୁଲରେ ପରୀକ୍ଷା ଚାଲିଛି, ବାପା ଆଉ କିଛି କହିଲେନି। ଶ୍ୟାମ ଭାଇ ଛିଡ଼ା ହୋଇ ମୋତେ ଦେଖୁଥାନ୍ତି। ମୁଁ ତାଙ୍କ ମୁହଁକୁ ଚାହିଁଲି। ସେ ମୋ ଠାରୁ ବୟସରେ ପାଂଚ ଛଅ ବର୍ଷ ବଡ଼ ହେବେ। ତାଙ୍କ ମୁଣ୍ଡବାଳ ସବୁ ପାଚି ଯାଇଥିଲା। ମୁହଁସାରା ଦାଢ଼ି ଭର୍ତ୍ତି। ଆଖି ଦୁଇଟି କୋରଡ଼ିଆ ଦିଶୁଥିଲା। ଗୋଟେ ମଇଳା ଲୁଙ୍ଗି ଓ ହାଫ୍ ସାର୍ଟ୍ ପିନ୍ଧିଥିଲେ। ପିଲାବେଳରୁ ସେ ଆମଘରେ ଥାନ୍ତି। ମାଟ୍ରିକ୍ ପାଶ୍ କଲାପରେ ଆଉ ପାଠ ନପଢ଼ି ଘରେ ଚାଷବାସ କାମ ବୁଝିଲେ। ସେ ଆମ ଘରକୁ ପ୍ରତିଦିନ ଆସନ୍ତି। ବାପାଙ୍କର ବୋଲହାକ କରନ୍ତି। ଭାରି ସ୍ନେହୀ ଓ ପରୋପକାରୀ ମଣିଷ ଜଣେ। ମୁଁ ମାଟ୍ରିକ୍ ପାସ୍ କଲାପରେ ରେଭେନ୍‌ସା କଲେଜ୍‌ରେ ପାଠ ପଢ଼ିଲି। ସେଇ ସମୟର ଶ୍ୟାମଭାଇ ବାପାଙ୍କର ପାଖେ ପାଖେ ସବୁ କଥା ବୁଝୁଥିଲେ, ଛୋଟବେଳୁ ମୁଁ ବୋଉକୁ ହରାଇଥିଲି। ବାପା ମୋଉପରେ ତାଙ୍କର ସବୁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇଥିଲେ। ମୁଁ ପାଠ ପଢ଼ି ଚାକିରୀ କଲି। ମୋ ମନପସନ୍ଦର ଝିଅକୁ ବାହାହେଲି ସହରରେ ରହିଲି। ପୁଅ, ଝିଅ ଦୁହେଁ ସହରରେ ପାଠ ପଢ଼ିଲେ, ଯେତେଥର ବାପାଙ୍କୁ ସହରକୁ ଯିବା କଥା କହିଛି; ପ୍ରତିଥର ବାପା ମନା କରନ୍ତି। କହନ୍ତି ନାଇଁରେ ଗାଁରେ ମୁଁ ଭଲଅଛି; ଶ୍ୟାମ ମୋ ସାଙ୍ଗରେ ଅଛି; ମୋର କୌଣସି ଅସୁବିଧା ନାହିଁ। ତୁ ବୋହୂ ଓ ନାତି ନାତୁଣୀଙ୍କ ସାଙ୍ଗରେ ଭଲରେ ରହ। ଧିରେ ଧିରେ ମୋର ଗାଁକୁ ଆସିବା କମିଗଲା; ଶ୍ୟାମଭାଇ ବାବାଙ୍କର ଦେଖାଶୁଣା କରନ୍ତି। ମୁଁ ମାସକୁ ମାସ ମନିଅର୍ଡର କରିଦିଏ। ଶ୍ୟାମଭାଇ ବାହା ହୋଇନଥିଲେ। ଗାଁ ଲୋକ କେହି ଅସୁବିଧାରେ ପଡ଼ିଲେ ସେ ଅଣ୍ଟା ଭିଡ଼ି ସାହାଯ୍ୟ କରନ୍ତି। ରାତି ଅଧରେ ଗାଁରେ ରୋଗରେ କେହି ଚାଲିଗଲେ, ଶ୍ୟାମଭାଇ ଆଗଯାଇ ଛିଡ଼ା ହୁଅନ୍ତି। ଶ୍ମଶାନରେ ଶବ ସଂସ୍କାର ସାରି ଘରକୁ ଫେରନ୍ତି। ଶ୍ୟାମଭାଇ ମୋ ବାପାଙ୍କୁ ଯେତିକି ବୁଝିଥିଲେ ବୋଧହୁଏ ମୁଁ ସେତିକି ବୁଝିନଥିଲି; ସେ ବାପାଙ୍କର ଦରଦୀ ବନ୍ଧୁ ପାଲଟି ଯାଇଥିଲେ। ଦୁଇବର୍ଷ ତଳେ ହଠାତ୍ ବାପାଙ୍କର ଦେହ ଖରାପ ହେଲା। ଶ୍ୟାମଭାଇ ବାପାଙ୍କୁ ଡାକ୍ତରଙ୍କ ପାଖକୁ ନେଇ ଦେଖାଇଲେ। ଡାକ୍ତର କହିଲେ ଗୋଟାଏ କିଡ୍‌ନୀ ପୁରାପୁରି ନଷ୍ଟ ହୋଇଯାଇଛି। ଆଉ ଗୋଟିଏ କିଡ୍‌ନୀ ଲଗାଇବାକୁ ପଡିବ। ନହେଲେ ରୋଗୀ ବଂଚିବନି। ଶ୍ୟାମଭାଇ ବିନା ଦ୍ୱିଧାରେ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ।

ପାଂଚଫୁଟ ଦଶ ଇଞ୍ଚର ଶ୍ୟାମଳ ମଣିଷ; ମୋ ବାପା, ମୁଣ୍ଡରେ ପାଚିଲା ବାଳ; ସବୁବେଳେ ଧୋତି ପଞ୍ଜାବି ପିନ୍ଧିଥାନ୍ତି। ଆଖିରେ କଳାଫ୍ରେମ୍‌ର ମୋଟା ଚଷମା, ହାତରେ କଛି ଗୋଟାଏ ବହି। ସଦା ଗମ୍ଭୀର କଠୋର ମଣିଷ। ନିଜର ସମସ୍ତ ସ୍ନେହ, ମମତା ଓ ଭଲପାଇବାକୁ ଦେଇ ମୋତେ ବଡ଼ କରିଥିବା ମଣିଷଟି ଆଜି ଏମିତି ଅବସ୍ଥାରେ ଭାବିଲା ବେଳକୁ ମୋ ଛାତି ଭିତରଟା ଫାଟି ପଡୁଥିଲା। ହେତୁ ହେଲା ଦିନଠାରୁ ମୁଁ ନୀତି ନିୟମ ଓ ଶୃଙ୍ଖଳାରେ ଚାଲିବାକୁ ଶିଖାଇଥିବା ମୋ ବାପାଙ୍କ ହୃଦୟରେ ପର ଆପଣା ଭାବ ନଥିଲା। ମୋ ଚାକିରି ଜୀବନରେ ବ୍ୟସ୍ତତା ମଧ୍ୟରେ ଗାଁକୁ ଆସି ପାରୁନଥିଲି ପ୍ରତିଥର ଗାଁକୁ ଆସିଲେ ବାପା ନିର୍ଭୟ ଆଶା ଆଶ୍ୱାସନାର କଥା କହୁଥିଲେ। ଏଥର ଭାବୁଥିଲି ବାପାଙ୍କୁ ଯେମିତି ହେଲେ ବୁଝାଇସୁଝାଇ ଜବରଦସ୍ତି ମୋ ସାଙ୍ଗରେ ନେଇକରି ଯିବି। ରାତିରେ ଖାଇଲାବେଳେ ବାପାଙ୍କୁ ମୋ ପ୍ରସ୍ତାବ ଦେଲି। ବାପା କିଛି ସମୟ ଗୁମ୍ ହୋଇ ଖାଇବା ଥାଳି ପାଖରେ ବସି ରହିଲେ। ତାପରେ କହିଲେ, କହିଲୁ ଦେଖି ମୋ ବିନା ଗାଁରେ ଶ୍ୟାମଟା କେମିତି ବଂଚିବ ? ବାପାଙ୍କର ମାର୍ମିକ ସ୍ୱରରେ ମୁଁ ସ୍ତବ୍ଧ ହୋଇଗଲି। ବାପାଙ୍କର କଣ୍ଠ ରୁନ୍ଧି ହୋଇଯାଇଥିଲା। ନାଇଁରେ ମୁଁ ତୋ ସାଙ୍ଗରେ ଯାଇପାରିବିନି ତୁ ମୋ କଥା ବୁଝିବାକୁ ଚେଷ୍ଟାକର। ତୁ ବଡ଼ ହୋଇ ସଂସାର କଲୁଣି ଏତିକି କ'ଣ ବୁଝି ପାରିବୁନି। ତା ପରଦିନ ବାପାଙ୍କ ଠାରୁ ବିଦାୟ ନେଇ ଆସିଲି। ବାପା ଲୁହ ଛଳ ଛଳ ଆଖିରେ କହୁଥିଲେ, ପୁଣି କେବେ ଆସିବୁ ଏଇ ବୁଢ଼ାବାପାକୁ ଦେଖିବାକୁ ?

ପରିବେଶ ଖୁବ୍ ମନୋରମ ଲାଗୁଥାଏ। ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ରର ସବୁଜିମା ପାଖରେ ବହିଯାଇଛି ବୁଢ଼ାବଳଙ୍ଗ ନଈ। ମୁଁ ଚାହିଁ ରହିଥାଏ ନୀଳ ଆକାଶରେ ଥିବା ଅସ୍ତଗାମୀ ସୂର୍ଯ୍ୟ ଓ ତାଙ୍କର ସ୍ନିଗ୍ଧ କିରଣକୁ। ଅକାଶରେ ଦଳଦଳ ପକ୍ଷୀ କିଚିରି ମିଚିରି ଶବ୍ଦ କରି ନିଜ ନିଜ ଖାଦ୍ୟ ଅନ୍ୱେଷଣରେ ଯାଉଥାନ୍ତି। ହଠାତ୍ ଦୂରରୁ ଦେଖିଲି ଗେଡ଼ା ହୋଇ ଜୀର୍ଣ୍ଣଶୀର୍ଣ୍ଣ ମଣିଷଟିଏ ଲମ୍ବା ପାଦ ପକାଇ ଆଗକୁ ଆସୁଛି। ଭଲକରି ତାକୁ ନିରିକ୍ଷଣ କରି ଇଏ ରତନା ନନା, ଅନେକ ଦିନ ହେଲା ତାକୁ ଦେଖି ନଥିଲି ଚିହ୍ନିପାରିଲି ନାହିଁ। ତାକୁ ଦେଖି ମୋ ପିଲାଦିନର କଥା ମନେପଡିଲା; ଭୋ ଭୋ ହୋଇ କାନ୍ଦି ଉଠିଲି, ସତରେ ମୁଁ ଆଜି କେତେ ଅସହାୟ, ଖାଲି ନିଜ କଥା ଭାବୁଛି, ଆଉ କାହା କଥା ଭାବିବାକୁ ମୋ ପାଖରେ ଟିକେ ବି ସମୟ ନାହିଁ, ମନେ ମନେ ଭାବୁଥିଲି ଏଇଟା ବୋଧେ ସଂସାରର ନିୟମ.....

*ଅଧ୍ୟାପିକା, ୟୁ.ଏନ୍.(ଅଟୋ) କଲେଜ୍*
*ଅଡଶପୁର, କଟକ*
*ମୋ : ୯୯୩୮୪୪୦୯୪୯*
Email: smrutipattanaik1@gmail.com

## ସାକ୍ଷୀ ପୁରୁଷ

ଅକ୍ଷୟ ବେହେରା



**କେ**ତେ ତପସ୍ୟାରେ ପାଇଥିଲି ତମରି ସାନ୍ନିଧ୍ୟ
କଣ୍ଟାମାଡ଼ି ଚାଲିଥିଲି
ସେ କେଉଁ ଫୁଲଟିଏ ପାଇବା ଆଶାରେ,
ପାଇଥିଲି ମଧ୍ୟ।

ଅବେଳରେ ଡାକିନେଲେ ଈଶ୍ୱର
ସେ କେଉଁ ଉଦ୍ଦେଶ୍ୟରେ
ବୁଝି ହେଲାନାହିଁ
ଚାଲିଗଲ ବୋଲି ଅପୂର୍ଣ୍ଣ ବି ରଖିଲେନି
ଈଶ୍ୱର ଝୁରି ହେବାପାଇଁ।



ଈଶ୍ୱରଙ୍କ ଦାନ ଏ ମୋର ପ୍ରେମର
ଜୀବନ, ତମ ବିନା ଲହୁଲୁହାଣ
ହେଉହେଉ କିଏ ସେ ବାଟୋଇ
ହାତଧରି ଉଠାଇଲା, ଚୁମି ଦେଲା
କ୍ଷତ ବିକ୍ଷତ ଏ ଦେହ ମନ।

ବାଟ ସରେ, ସରେ ନାହିଁ ପ୍ରେମର ପଥ
ସୁତରାଂ ସେ ବାଟୋଇ
ଡାକିନେଲା ତମ ପରି ଚାଲିଲି ମୁଁ
ପଛେପଛେ ଛାତିରେ ସାଇତି ତମ ଚିତ୍ରପଟ।

ପ୍ରେମରେ ଜିଇଁବା ପୁଣି
ପ୍ରେମରେ ହାରିବା
ପୁଣି ପ୍ରେମରେ ଜିଇଁବା
ଏ କାହାର ଇଚ୍ଛା ପ୍ରିୟତମ ?


*ହାଉସିଂ ବୋର୍ଡ କଲୋନୀ*
*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬*

## ନୀଡ ସନ୍ଧାନେ



ମିନାକ୍ଷୀ ପଣ୍ଡା

**ଭ**ସା ବାଦଲରୁ ଝରିଲା ବର୍ଷା ମୁଁ
ଉଷୁମ ମହୀରେ ପଡଇ ଝରି
ଶୀତଳ ନକରି ଉଷୁମ ଦେହ ତା'
ଆହୁରି ତାତିଲା ଦିଅଇ ଭରି।
ଅଜଣା ଉପାନ୍ତେ ଘୁମନ୍ତ ପକ୍ଷୀ ମୁଁ
ନୀଡ ହଜା ବୋଲି ପଡଇ ଝୁରି
ଆକୁଳେ ଖୋଜଇ ନିଜର ଇଲାକା
ଛୋଟ ଏକ ନୀଡ ତୋଳିବି ବୋଲି।



ବିପରୀତ ଦିଗେ ଧାଇଁଥାଏ ସିନା
ଚିହ୍ନା ସୂରୁଯକୁ ଭେଟିବି ବୋଲି
ତୀବ୍ର କରିଥାଏ ଆକାଂକ୍ଷା ମୋର
ଅନ୍ଧାରୀ ମୂଲକେ ପଡଇ ଝୁଲି।
ମମତା ନଦୀର ଭିଡ ଭଉଁରୀରେ
କାଳ ବଇଶାଖି ଆତଙ୍କ ଖେଳେ
ସ୍ନେହ ଓ ସରାଗ ବନ୍ଧା ପଡିଯାଏ
ଅବୁଝା ନାଉରୀ କାତର ଧାରେ।
ମଉଳା କାନନେ ଉପାସୀ ମରମ
ନିଷ୍ପ୍ରଭ ବେଦନା ନିଥରପ୍ରାଣେ
କାଚ କାନ୍ଥର ଛାତିକୁ ଥରାଏ
ଅଦିନିଆ ଶୀତ କୁହୁଳିଝରେ।
ପଞ୍ଜୁରୀ ବନ୍ଧ ମୁଁ କଥାକୁହା ଶାରୀ
ନୀରବ ଭାଷାର ବାର୍ତ୍ତାକୁ ବୁଝେ
ରାମନାମ ସତ୍ୟ ଚୀରନ୍ତନ ସତ୍ୟ
ମରମେ ମରମେ ଏ ଭାଷା ଭଜେ।

*ପାରଳାଖେମୁଣ୍ଡି*

## ଦେଖରେ ଜୀବନ

ଅଭିମନ୍ୟୁ ମିଶ୍ର



**ଦେ**ଖରେ ଜୀବନ କେହ୍ନେ ବାଳୁତ ତପନ
ମଥାରେ ବହିଛି କେତେ ସୁନେଲି ସପନ
ନିଜେ ମରି ଦେବ ମାରି କଳୁଷ ଗହନ
ତମସା ହରି ଆଲୋକେ ପ୍ଲାବିତ ଭୁବନ।



ଦେଖାରେ ଜୀବନ ତୋର ଆୟୂଷ ଅସ୍ଥିର
ନିଶ୍ୱାସେ ନାହିଁ ବିଶ୍ୱସ କର ତୁ ବିଚାର
ସମ ଦିବାକର ହୋଇ ଜଗତେ ଭାସ୍କର
ନିଜେ ଜଳି ଦେ' ଜାଳି ଧରା କୁସଂସ୍କାର।



ଭୋଗରେ ନିହିତ ରୋଗ, ତ୍ୟାଗରେ ଆନନ୍ଦ
କର୍ଦ୍ଦମ ସଲିଳେ ଥାଇ ଶୋହେ ଅରବିନ୍ଦ
ରାତିଏ ଜହ୍ନ ଜୀବନ ଆକାଶେ ବନ୍ଦିତ
ସୂର୍ଯ୍ୟତାପେ ଥାଇ କରେ ଜ୍ୟୋସ୍ନା ବିଚ୍ଛୁରିତ।

ଦେଖରେ ଜୀବନ କେତେ ଅଟୁ ତୁ ମହାନ
ଆୟୁ ଅର୍ଥହୀନ, ଜିଇଁ କୁମୁଦ ସମାନ।

*ବି/୨୭, ଭାଗିରଥୀ ବିହାର, ଢେଙ୍କାନାଳ*

# ମଡର୍ଣ୍ଣ ଲଭ୍

ହରେକୃଷ୍ଣ ପତି



**ଇଂ**ରାଜୀ ଶବ୍ଦ **'LOVE'**ର ଆକ୍ଷରିକ ଅର୍ଥ ହେଉଛି ପ୍ରେମ ବା ଭଲ ପାଇବା। ଏହି ପ୍ରେମର ପରିଭାଷା ବୁଝିବାକୁ କେତେ କବି, ଲେଖକ, ଔପନ୍ୟାସିକ, ଦାର୍ଶନିକ ଓ ଭାବୁକମାନଙ୍କୁ ବର୍ଷ ବର୍ଷ ଲାଗିଛି ସତ, ହେଲେ ଏହାର ମାନେ ବୁଝିବା ଖୁବ୍ ସହଜ। ଆମେ ପ୍ରତ୍ୟହ ଆଖିରେ ଦେଖୁଛେ, ମାଆ ବାପା ତାଙ୍କର ପିଲାକୁ, ଭଗିନୀ ତା'ର ଭାଇକୁ, ବନ୍ଧୁ ତା'ର ବନ୍ଧୁକୁ, ସ୍ୱାମୀ ତା'ର ସ୍ତ୍ରୀକୁ, ପ୍ରେମିକା ତା'ର ପ୍ରେମିକକୁ, ଚାନ୍ଦ କୁମୁଦକୁ, ଦିବାକର ପଙ୍କଜକୁ, ଭ୍ରମର ଫୁଲକୁ କିପରି ଯୁଗ ଯୁଗ ଧରି ଭଲ ପାଇ ଚାଲିଛନ୍ତି। ଭଲ ପାଇବା ଯେତିକି ସହଜ, ତାହାକୁ ନିଭାଇବା ସେତିକି କଷ୍ଟ। ଭଲ ପାଇବାର ପ୍ରକୃତ ପରିଭାଷା ହେଉଛି-କାହାକୁ ଅନାବିଳ ସ୍ନେହ ଶ୍ରଦ୍ଧାର ରଜ୍ଜୁରେ ଆଜୀବନ ବାନ୍ଧି ରଖିବା ତ'ର ସାମଗ୍ରିକ ମଙ୍ଗଳ ବିଧାନ କରିବାରେ ସହାୟକ ହେବା। ମଣିଷ ମନରେ ନିଃସ୍ୱାର୍ଥପର ଭାବନା ରହିଥିବା ପର୍ଯ୍ୟନ୍ତ ଭଲ ପାଇବା ପରିପୁଷ୍ଟ ହୋଇଥାଏ, ସେଥିରେ ବ୍ୟତିକ୍ରମ ଦେଖା ଦେଲେ ତାହା କଳୁଷିତ ହେବା ସହ ପରସ୍ପରକୁ ଭଲ ପାଉଥିବା ଉଭୟଙ୍କୁ ବିପଦରେ ପକାଏ ଏବଂ ସମାଜରେ ବିଶୃଙ୍ଖଳାର କାରଣ ପାଲଟିଥାଏ।

ଭଲ ପାଇବାରେ ତ୍ୟାଗର ଖୁବ୍ ମହତ୍ତ୍ୱ ରହିଛି। ସେଥି ପାଇଁ ତ କେହି ମହାମାନବ କହିଛନ୍ତି-
**Don't Rise in Love, only Fall in Love.**
ଅର୍ଥାତ୍-ଭଲ ପାଇବାରେ କିଛି ହାସଲ କରିବା ଅପେକ୍ଷା କିଛି ହରାଇବାରେ ହିଁ ସାର୍ଥକତା ନିହିତ ଥାଏ। କିନ୍ତୁ, ଆଜିର କଳଙ୍କିତ ସମାଜରେ ଭଲ ପାଇବାର ସଂଜ୍ଞା ହିଁ ସମ୍ପୂର୍ଣ୍ଣ ବଦଳି ଯାଇଛି। କାରଣ, ଭଲ ପାଇବା ଏଠି ଏକ ପେଷା ଓ ନିଶାରେ ପରିଣତ ହୋଇଛି। ଅନେକ ଅବଗୁଣ ଭରି ଯାଇଛି ସେଥିରେ। ଯାହା ଫଳରେ ବଢି ଯାଇଛି ଅତ୍ୟାଚାର, ବ୍ୟଭିଚାର, ନିର୍ଯ୍ୟାତନା, ବଳାତ୍କାର ଓ ହତ୍ୟା। ଆଜିର ତଥାକଥିତ ଶିକ୍ଷିତ ଯୁବ ପିଢୀ, ଘରୁ ଗୋଡ଼ କାଢିବା ମାତ୍ରେ ହିଁ ନିଜ କର୍ତ୍ତବ୍ୟକୁ ଭୁଲି ଟାଇମ୍ ପାସ କରିବା ପାଇଁ ଖୋଜି ବୁଲନ୍ତି ବିପରୀତ ଲିଙ୍ଗର ଜଣେ (କିଛି କ୍ଷେତ୍ରରେ ଏକାଧିକ) ସାଥୀଙ୍କୁ। ନା ତା'କୁ ଜୀବନ ସାଥୀ କରିବାର ଉଦ୍ଦେଶ୍ୟ ଥାଏ, ନା ତା'ର ସୁଖଦୁଃଖରେ ସାମିଲ ହେବାର ଇଚ୍ଛା। କେବଳ ଥାଏ ତା'ର ଦେହକୁ ଉପଭୋଗ କରି ଡଷ୍ଟବିନ୍‌ରେ ଫୋପାଡ଼ି ଦେବାର ହୀନ ଉଦ୍ଦେଶ୍ୟ। ସେ ପୁଅ ହେଉ କି ଝିଅ, ସେମାନଙ୍କୁ ଛୋଟରୁ ବଡ କରିଥିବା, ନିଜେ ନ ଖାଇ ଖୁଆଇଥିବା ଏବଂ ନିଜେ ନ ପିନ୍ଧି ପିନ୍ଧାଇଥିବା ପିତାମାତାଙ୍କର ସମ୍ମାନକୁ ପାଦରେ ଦଳି ଚକଟି, ଅଶେଷ ଯନ୍ତ୍ରଣା ଓ ଅପମାନ ଦେଇ, ସେମାନଙ୍କର ବିନା ଅନୁମତି ଓ ସମ୍ମତିରେ ନିଜର କୁତ୍ସିତ ସ୍ୱାର୍ଥକୁ ପୂରଣ କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। ସାମାଜିକ ନୀତି ନିୟମ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ଥାଇ ଏବଂ ନିଜେ କରୁଥିବା କାର୍ଯ୍ୟର କୁପରିଣାମ ସମ୍ପର୍କରେ ଜାଣି ମଧ୍ୟ ସେମାନେ ଏପରି କରିଥାନ୍ତି। ଝିଅଟିଏ ନିଜର ପରିପାଟୀକୁ ନଗ୍ନ କରି ଜଣେ ଧନବାନ ପୁଅଙ୍କୁ ନିଜ ପ୍ରତି ଆକର୍ଷିତ କରୁଥିବା ବେଳେ ପୁଅଟି ନିଜେ ବେରୋଜଗାର ଥାଇ ମଧ୍ୟ ଘରେ ବାପାଙ୍କୁ ଡରାଇ ଧମକାଇ ପୁଳା ପୁଳା ଟଙ୍କା ଆଣି ଦାମୀ ଯାନ ଚଢି ଦେହର ଭୋକ ମେଣ୍ଟାଇବାକୁ ସାଥୀ ଖୋଜୁଥିବା ଝିଅଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାନ୍ତି। ଏହି ସମ୍ପର୍କରେ ତିଳେ ହେଲେ ପବିତ୍ରତା ନଥିଲେ ବି ସେମାନେ କ୍ଷଣିକ ସୁଖ ପାଇଁ ସେ ସବୁକୁ ପାଶୋରି ଦିଅନ୍ତି। ଜଣେ ଚାଲି ଗଲେ ଆଉ ଜଣେ, ଆଉ ଜଣେ ଚାଲି ଗଲେ ଆଉ ଜଣେ, ଏହିପରି ଭାବେ ସେମାନଙ୍କ ଜୀବନରେ କେତେ ଜଣ ଯେ ସାଥୀ ଆସନ୍ତି ତାହାର କଳନା ନାହିଁ। କେତେକ କ୍ଷେତଅରେ ସମ୍ପୂର୍ଣ୍ଣ ଅଜଣା, ଏପରିକି କେବେ ଦେଖି ନଥିବା ବ୍ୟକ୍ତିକୁ ନିର୍ବୋଧ ନଯୁବକ ଯୁବତୀମାନେ ଏପରି ଭଲପାଇ ବସନ୍ତି ଯେ, ଶେଷରେ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଏ। ସେହି ପରିସ୍ଥିତିରେ ବୋହୂ ହୋଇ ଘରକୁ ଆସିଥିବା ଝିଅଟି ନା ଶ୍ୱଶୁର ଘରର ଟେକ ରଖି ପାରେ ନା ବାପ ଘରର। ସାମାଜିକ ଶୃଙ୍ଖଳାକୁ ପଦାଘାତ କରି କରି ଯେତେବେଳେ ନେଡ଼ି ଗୁଡ଼ କହୁଣୀକୁ ବହିଯାଏ, ପୁଣି ସେମାନେ ଫେରି ଆସନ୍ତି ନିଜର ପରିବାର ନିକଟକୁ ସହାୟତା ଆଶାରେ। ନିଜ ନିଜକୁ ବେଶ୍ୟା ଓ ଚରିତ୍ରହୀନ ସଜାଇବା ପରେ ସମାଜରେ ଆଉ କେହି ନଥାନ୍ତି ତାଙ୍କୁ ବିପଦରେ ସାହା ହେବା ପାଇଁ। କାରଣ, ସେହି ବିପଦକୁ ସେମାନେ ନିଜେ ହିଁ ନିମନ୍ତ୍ରଣ କରିଥାନ୍ତି। ଏହି କଳୁଷିତ ପ୍ରଥାର ପ୍ରଭାବରେ ଆଜି ସମସ୍ତ ସମ୍ପର୍କ ତିକ୍ତ ହେବା ସହ ଏବଂ ନାରୀ ଓ ପୁରୁଷ ନିର୍ଯ୍ୟାତନା, ବଳାତ୍କାର, ଗଣ ଧର୍ଷଣ., ବିବାହ ବିଚ୍ଛେଦ, ଯୁବତୀ ଚାଲାଣ, ହତ୍ୟା ଓ ଆତ୍ମହତ୍ୟା ପରି ସମସ୍ୟା ମଧ୍ୟ ଉପୁଜୁଛି। କେତେକ କ୍ଷେତ୍ରରେ ଏହାର କୁପ୍ରଭାବ ପଡୁଛି ନିରୀହ ଶିଶୁମାନଙ୍କ ଉପରେ, କାମାନ୍ଧ ପୁରୁଷ ଓ ନାରୀମାନେ ନିଜର ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ସେମାନଙ୍କୁ ସାଧନ ଭାବେ ବ୍ୟବହାର କରିବା ସହ ସ୍ଥଳ ବିଶେଷରେ ସେମାନଙ୍କ ଜୀବନ ନେବାକୁ ବି ପଛାଉନାହାନ୍ତି। ଏହି ପରମ୍ପରା କେତେ ଘୃଣ୍ୟ ଓ ବିପଜ୍ଜନକ, ତାହା ପ୍ରାୟ ସମସ୍ତେ ଜାଣନ୍ତି। ଆଉ ଆମର ଅନ୍ଧ ଆଇନ୍ ନିର୍ଦ୍ଦେଷକୁ ଦଣ୍ଡ ଦିଏ ଏବଂ ଦୋଷୀକୁ ଛାତି ଫୁଲାଇ ବୁଲିବା ପାଇଁ ରାଜରାସ୍ତାରେ ସସମ୍ମାନେ ଛାଡ଼ିଦିଏ। କୁହାଯାଏ-ସାକ୍ଷୀ ଓ ପ୍ରମାଣର ଅଭାବ। କିନ୍ତୁ, ସମସ୍ତେ ଭୁଲିଯାନ୍ତି, ସମସ୍ତ ଅଦାଲତ ଠାରୁ ଊର୍ଦ୍ଧ୍ୱରେ ବି ଏକ ଅଦାଲତ ରହିଛି, ଯେଉଁଠି ଜଷ୍ଟିସ୍ ସ୍ୱୟଂ ଭଗବାନ। ଭଗବାନଙ୍କ ମାଡ଼ରେ ଶବ୍ଦ ନଥାଏ, କିନ୍ତୁ ଜୋର ଥାଏ। ଫଳ ତ ନିଶ୍ଚୟ ମିଳେ, କିନ୍ତୁ ଠିକ୍ ସମୟରେ ଏବଂ ଟିକେ ଡେରିରେ। ସେତେବେଳେ ଲଜ୍ଜାରେ ଭାଗ୍ୟକୁ ଆଦରିବା ହିଁ ସାର ହୁଏ।

ଆଜିର ଯୁବକ ଯୁବତୀମାନେ ସମାନ କିମ୍ବା ଅଲଗା ଜାତି ବା ବର୍ଣ୍ଣରେ ବିବାହ କରିବାକୁ ଚାହିଁଲେ, ସେମାନେ ପରିବାରର ଗୁରୁଜନଙ୍କୁ ଘଟଣା ସମ୍ବନ୍ଧରେ ଅବଗତ ନ କରାଇ ସେମାନଙ୍କ ଅଗୋଚରରେ ଘର ଛାଡି ଚାଲି ଯାଉଛନ୍ତି। ବାପା ମାଆ ସେମାନଙ୍କର ମଙ୍ଗଳକାରୀ ବୋଲି ସେମାନେ ପୁରାପୁରି ଭୁଲି ଯାଆନ୍ତି। ଦୁନିଆ ବିଷୟରେ ପିତାମାତାଙ୍କର ଅଭିଜ୍ଞତା ତାଙ୍କ ଠାରୁ ଯଥେଷ୍ଟ ଅଧିକ ବୋଲି ସେମାନେ ହୃଦୟଙ୍ଗମ କରି ପାରନ୍ତି ନାହିଁ। ପିତାମାତାଙ୍କର ଅନୁମତି ଓ ସମ୍ମତି ବିନା ଉଠା ଯାଇଥିବା ପ୍ରତ୍ୟେକ ପଦକ୍ଷେପ ସେମାନଙ୍କ ପାଇଁ ବିପଜ୍ଜନକ ସିଦ୍ଧ ହୋଇଥାଏ। ତେଣୁ, ପରିଣାମକୁ ଅଣଦେଖା କରି ନେଇଥିବା ଭୁଲ ପଦକ୍ଷେପର ଫଳ ମଧ୍ୟ ସେମାନଙ୍କୁ ଖୁବ୍ କମ୍ ଦିନରେ ଭୋଗିବାକୁ ପଡିଥାଏ ଓ ଶେଷରେ ସେମାନଙ୍କ ମଧ୍ୟରୁ କେହି ଆଖି ମଳି ମଳି ପୁଣି ସେହି ପରିବାର ପାଖକୁ ଆସନ୍ତି ତ କେହି କେହି ନିଜ ଜୀବନ ହରାଇ ପରିବାରକୁ ଅଯଥା ଯନ୍ତ୍ରଣା ଦିଅନ୍ତି।

ତେଣୁ, ଘରେ ହେଉ କି ବାହାରେ, ପିଲାର ଗତିବିଧି ଉପରେ ଅଭିଭାବକମାନେ ସଜାଗ ଦୃଷ୍ଟି ରଖିବା ସହ ବିପଥଗାମୀ ହେବାର ଦେଖିଲେ, ସେମାନଙ୍କୁ ପ୍ରଥମ ସ୍ତରରୁ ହିଁ ସେଥିରୁ ଓହରାଇ ଆଣିବା ଉଚିତ। ଏପରି ସଂସ୍କାର ଶିଖାଇବା ଉଚିତ, ଯଦ୍ୱାରା ପିଲାମାନେ ବିପଥଗାମୀ ହେବା ପୂର୍ବରୁ ଶହେ ଥର ଚିନ୍ତା କରିବେ। ନଚେତ, ପରବର୍ତ୍ତୀ ସ୍ତରରେ ସେମାନଙ୍କୁ ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇପଡ଼ିବ। ଆଜିର ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ନିଜେ ଯଦି ସଚେତନ ନହେବା, ତେବେ ଆମକୁ ଏ ଚକ୍ରବ୍ୟୁହରୁ କେହି ଉଦ୍ଧାର କରି ପାରିବେ ନାହିଁ। ଆମେ ଭୁଲି ନଯିବା ଉଚିତ ଯେ ଆମେ ନିଜ ଗୋଡ଼କୁ ନିଜେ କୁରାଢୀରେ ହାଣୁଛନ୍ତି ବୋଲି। ଏଥିପାଇଁ ଅନ୍ୟ କେହି ଦାୟୀ ନୁହେଁ। ତେଣୁ, ଏହି ନିର୍ଯ୍ୟାତନା, ବଳାତ୍କାର, ଗଣ ଧର୍ଷଣ., ବିବାହ ବିଚ୍ଛେଦ, ହତ୍ୟା ଓ ଆତ୍ମହତ୍ୟାର କାରଣ ଆମେ ନିଜେ ହୋଇଥିବାରୁ ସମାଧାନ ମଧ୍ୟ ଆମକୁ କରିବାକୁ ହେବ। ପ୍ରକୃତରେ ଭଲ ପାଇବାର ମାନେ ବୁଝି ପାରିଲେ, ଏ ସୃଷ୍ଟି ସ୍ୱର୍ଗରେ ପରିଣତ ହୋଇଯିବ। ପଶୁ ପକ୍ଷୀମାନେ ଭଲ ପାଇବାର ମହତ୍ତ୍ୱକୁ ବଜାୟ ରଖି ପାରୁଥିବା ବେଳେ ଆମେ ଜ୍ଞାନ ଓ ବିବେକଧାରୀ ମନୁଷ୍ୟ କାହିଁକି ତାହା କରି ପାରିବା ନାହିଁ ?

ପ୍ରେମ ହୃଦୟରୁ ସୃଷ୍ଟି ହୋଇ ମସ୍ତିଷ୍କ ଦ୍ୱାରା ପରିଚାଳିତ ହେଉଥିବା ଏକ ପ୍ରକ୍ରିୟା ଏବଂ ସବୁ ବର୍ଗର ପ୍ରାଣୀଙ୍କ ଠାରେ ପ୍ରେମର ଭାବନା ରହିଥାଏ। ପ୍ରେମ ସର୍ବଦା ସ୍ୱଚ୍ଛ ଓ ନିର୍ମଳ। ଏହି ପ୍ରେମ ବଳରେ ମନୁଷ୍ୟ ସିଂହ ଓ ବ୍ୟାଘ୍ର ପରି ହିଂସ୍ର ଜନ୍ତୁଙ୍କୁ ମଧ୍ୟ ବଶ କରି ପାରିଛି। ଶତ୍ରୁକୁ ମିତ୍ରରେ ପରିଣତ କରିବାରେ କେବଳ ପ୍ରେମ ହିଁ ସକ୍ଷମ। ସେଥିରେ କଳଙ୍କ ଲଗାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ଅଶେଷ ଦୁଃଖ ଭୋଗ କରିବାକୁ ପଡ଼େ। ତେଣୁ, ପ୍ରେମର ମୌଳିକ ପରିଭାଷାରେ କୌଣସି ପରିବର୍ତ୍ତନ ନ କରି ଅଥବା ପ୍ରେମକୁ ସଦା ପବିତ୍ର ରଖିବା ସହ ଅନ୍ୟର ଉପକାରରେ ଲଗାଇବାକୁ ଯତ୍ନବାନ ହେଲେ ମର୍ତ୍ତ୍ୟରେ ସ୍ୱର୍ଗର ଅବଲୋକନ କରିହେବ ଏବଂ ମନୁଷ୍ୟ ଜୀବନ ନିଶ୍ଚଳ ଶାନ୍ତିରେ ଭରିଯିବ।

"ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାଃ। ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍; ହରିଓଁ ଶାନ୍ତିଃ, ହରିଓଁ ଶାନ୍ତିଃ, ହରିଓଁ ଶାନ୍ତିଃ।।"

*ପଧାନପଡ଼ା, ବନ୍ତ, ଜି.-ଭଦ୍ରକ*
*ମୋ : ୭୫୦୪୪୨୪୬୦୧*






## ନୂଆ ବରଷ

ଅଦିତି ଦାସ



**ଆ**ସିଲା ଆସିଲା ନୂଆ ବରଷ,
ଆସିଲା ସଭିଙ୍କ ମନେ ହରଷ।

ପିଲା ଭାବନ୍ତି କ'ଣ କିଣିବେ,
ଲୋକଙ୍କୁ ଶୁଭକାମନା ଦେବ।

ନୂଆ ବରଷ ଆସିଗଲା,
ନୂଆ ଜିନିଷ ଆଣିଦେଲା।




ଋଷୀ ପରିଶ୍ରମ ପ୍ରବଳ କରେ,
ଏବେ ଆସି ଧାନ ଅମଳ କରେ।


ଥାଏ ତ' ଶୀତ, ଟିକେ ନରମ,
ଆରମ୍ଭ କରିବା ଭଲ କରମ।

ରଖିବାନି ଆମେ ଭାବ କର୍କଶ,
ଆରମ୍ଭ କରିବା ନୂଆ ବରଷ।

*ଷ୍ଟାଣ୍ଡାର୍ଡ-୪*
*ବିଜେଇଏମ୍ ସ୍କୁଲ -୨*
*ସତ୍ୟଭାମାପୁର, ଭୁବନେଶ୍ୱର*



ପ୍ରଦ୍ୟୁତ ରାଉଳ
ଷ୍ଟାଣ୍ଡାର୍ଡ - ୪
କେମ୍ବ୍ରିଜ୍ ସ୍କୁଲ
ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ





# ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରୁ ୨୭ ଗାଁ ବାଦ୍ ପାଇଁ ବନ ବିଭାଗର ନିଷ୍ପତ୍ତି

**ଭୁବନେଶ୍ୱର :** ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱର ସଚିବାଳୟ ଠାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଭୟାରଣ୍ୟରୁ କଟକ ଜିଲ୍ଲା ସାତକୋଶିଆ ସଂଲଗ୍ନ ଯୋଡୁମ୍ ପ୍ରଗଣାର ୫ଟି ପଞ୍ଚାୟତରେ ୨୭ଟି ଗ୍ରାମକୁ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଜଙ୍ଗଲ ପରିବେଶ ବିଭାଗ ମାନ୍ୟବର ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଜଙ୍ଗଲ ବିଭାଗ ପ୍ରମୁଖ ସଚିବ ସୁରେଶ ମହାପାତ୍ର (ଓଡ଼ିଶା ମୁଖ୍ୟ ବନ୍ୟ ସଂରକ୍ଷକ), ସ୍ୱତନ୍ତ୍ର ସଚିବ ଜଙ୍ଗଲ ବିଭାଗ, ବନ୍ୟ ସଂରକ୍ଷକ ଅନୁଗୁଳ ସଂପୃକ୍ତ ବନଖଣ୍ଡ ଅଧିକାରୀଗଣ, ପର୍ଯ୍ୟଟନ ବିଭାଗର ଅଧିକାରୀ ତଥା ଯୋଡୁମ୍ ପ୍ରଗଣା ଆଞ୍ଚଳିକ କମିଟିର ୨୦ଜଣ କର୍ମକର୍ତ୍ତା ପ୍ରତିନିଧି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିବେଶ ପର୍ଯ୍ୟଟନ ସଂପର୍କରେ ପର୍ଯ୍ୟଟନ ବିଭାଗରୁ ମଞ୍ଜୁରୀ ପାଇଥିବା ୯ କୋଟି ଟଙ୍କାର କାର୍ଯ୍ୟକାରିତା, ଏଥିରେ ଜଙ୍ଗଲ ବିଭାଗର ସଂପୃକ୍ତି ଓ ୨୭ଟି ଗ୍ରାମକୁ ବାଦ୍ ଦେବାପାଇଁ ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଜଙ୍ଗଲ ବିଭାଗ ପକ୍ଷରୁ ଉପସ୍ଥାପନା କରାଯାଇଥିଲା । ଏ ସଂପର୍କରେ ବିସ୍ତୃତ ଆଲୋଚନା ଓ ଜଙ୍ଗଲ ବିଭାଗର ମଞ୍ଜୁରୀ ପରେ ଗେଜେଟ୍ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ଓ ପ୍ରତିଶ୍ରୁତି ଦିଆଯାଇଥିଲା । ପରିବେଶ ପର୍ଯ୍ୟଟନ ପାଇଁ ବାଲିପୁଟ-କମଳାଡିହ ଠାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୧୬ ଏକର ଜାଗାରେ ଏହାର କାର୍ଯ୍ୟକାରିତା ଓ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ସହିତ ଜଙ୍ଗଲ ବିଭାଗ ଜରିଆରେ ପରିବେଶ ପର୍ଯ୍ୟଟନ ପରିଚାଳନା କରିବା ପାଇଁ ସଚିବ ଶ୍ରୀ ମହାପାତ୍ର ମତ ଦେଇଥିଲେ । ବିଧାୟକ ଶ୍ରୀ ମିଶ୍ର ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରେ କେନ୍ଦୁପତ୍ର ଫଡ଼ିଗୁଡିକ ବନ୍ଦ ଥିବାରୁ ତାକୁ ବିଜ୍ଞପ୍ତି ପରେ ପୁଣି କାର୍ଯ୍ୟକ୍ଷମ ପାଇଁ ଓ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ନିର୍ବାହ ସୁଗମ କରିବା ପାଇଁ ଅନୁରୋଧ କରିବା ପରେ ଏ ସଂପର୍କରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ରାଉତରାୟ ଓ ପ୍ରମୁଖ ସଚିବ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ । ବୋଟିଂ ପାଇଁ ତଥା ସପ୍ତାହକୁ ୨ଥର ପରିବହନ ଡଙ୍ଗା ଚାଳନା ପାଇଁ ଅନୁମତି ଦେବାକୁ ଆଞ୍ଚଳିକ କମିଟି ତରଫରୁ ଶରତ ଖଟୁଆ, ଲଳିତ ଡାକୁଆ ଅନୁରୋଧ କରିବା ପରେ ସୁରକ୍ଷା ନିୟମ ପାଳନ କରିବା ସହ ଶୀଘ୍ର ଅନୁମତି ଦିଆଯିବ ବୋଲି ଜଙ୍ଗଲ ବିଭାଗ ତରଫରୁ କୁହାଯାଇଥିଲା ।

# ପୂର୍ତ୍ତ ସଚିବ ବିଜେଡିର କୋଷାଧ୍ୟକ୍ଷ : ବିଜେପି



**ଭୁବନେଶ୍ୱର :** ଶାସକ ବିଜେଡିର ଦଳୀୟ ପୋଷ୍ଟରରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ସଚିବ ନଳିନୀ ପ୍ରଧାନଙ୍କ ପୋଷ୍ଟର ଲାଗାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏବେ ରାଜ୍ୟରେ ଶାସକ ବିଜେଡି ଦଳ ଏବଂ ରାଜ୍ୟସରକାରଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଯାଉଛି । ଦଳୀୟ ସମାବେଶରେ ସରକାରୀ ସଚିବଙ୍କ ଫଟୋ ଗଣତନ୍ତ୍ରର ହତ୍ୟା । ପୂର୍ତ୍ତ ବିଭାଗର ଧୂର୍ତ୍ତ ସଚିବ ଏବେ ବିଜେଡି ଟ୍ରେଜେରର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ସାଂଘାତିକ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି କି, ଦକ୍ଷତା ନୁହେଁ ବରଂ ଡିଲ୍ ମାଧ୍ୟମରେ ଏବଂ କଳାପାହାଡମାନଙ୍କ ସହାୟତାରେ ୨୦୧୩ ମସିହାରେ ୨୨ ଜଣ ମୁଖ୍ୟ ଯନ୍ତ୍ରୀଙ୍କୁ ଉପେକ୍ଷା କରାଯାଇ ନଳିନୀ ପ୍ରଧାନଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା । ୨୦୧୮ ମସିହାରେ ଅବସରନେବା ପରେ ରାଜ୍ୟ ସରକାର ପୁଣିଥରେ ଶ୍ରୀ ପ୍ରଧାନଙ୍କ ଚାକିରୀ ଅବଧୀକୁ ୧ ବର୍ଷ ବଢାଇ ନିଜ ଦଳୀୟ କାର୍ଯ୍ୟରେ ଲଗାଯାଉଛି । ରାଜ୍ୟରେ ଅନେକ ଦକ୍ଷ ସଚିବ ଥିବା ସତ୍ତ୍ୱେ କ'ଣ ପାଇଁ ଶ୍ରୀ ପ୍ରଧାନଙ୍କୁ ଏତେ ଗୁରୁତ୍ୱ ଦିଆଯାଉଛି ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନଳିନୀ ପ୍ରଧାନ ହେଉଛନ୍ତି ମୃତ୍ୟୁର ସୌଦାଗର । ତାଙ୍କ ସମୟରେ ୮ଟିରୁ ଉର୍ଦ୍ଧ୍ୱ ପୋଲ ଭୁଷଡି ରେରର୍ଡ ସୃଷ୍ଟି କରିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ବମିଖାଲ ଫ୍ଲାଏଓଭର ଦୁଇ ଦୁଇ ଥର ଭୁଶିଡିବା ଶ୍ରୀ ପ୍ରଧାନଙ୍କ ଦକ୍ଷତାକୁ ସ୍ପଷ୍ଟ କରୁଛି । ବମିଖାଲ ଫ୍ଲାଏଓଭର କରୁଥିବା ପଣ୍ଡା ଇନଫ୍ରା ସହ ଶାସକ ଦଳର ନେତା ଓ ସଚିବ ମିଶି ଯୌଥ ବ୍ୟବସାୟ କରୁଥିଲେ । ଏବେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନଙ୍କ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଆଦାୟ କରାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଶାସକ ଦଳ ଓ ସରକାର ବାବୁମାନଙ୍କ ଭିତରେ ହୋଇଥିବା ସନ୍ଧିକୁ ରାଜ୍ୟବାସୀ ବୁଝିସାରିଲେଣି । ଆଗାମୀ ଦିନରେ ରାଜ୍ୟର ସାଧାରଣ ଜନତା ରାଜ୍ୟସରକାରଙ୍କୁ ଜବାବ ମାଗିବା ସହ ସରକାର ବିରୁଦ୍ଧରେ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### କେବେ ଚେତିବ ...

ଏଠାକୁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥାଏ । ମୋଟର ବୋଟ ଚଳାଚଳ ପରେ ମଧ୍ୟ ବିଭିନ୍ନ ନଈରେ ପାରମ୍ପରିକ ହୁଲି ଡଙ୍ଗା ଓ ବଡ ଡଙ୍ଗାରେ ଯାତ୍ରୀମାନେ ଯା' ଆସ କରୁଛି । ହେଲେ ଏସବୁ ଡଙ୍ଗାର ଲାଇସେନ୍ସ ନଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ବି ସ୍ଥାନୀୟ ପ୍ରଶାସନ ଏଥିପ୍ରତି ସେଭଳି ଦୃଷ୍ଟି ଦେଇ ନଥାନ୍ତି । ଡଙ୍ଗା ବୁଡିର ଅନ୍ୟଏକ ପ୍ରମୁଖ କାରଣ ହେଲା ଅନଭିଜ୍ଞ ଡଙ୍ଗା ଚାଳକ ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ୍ ନଥିବା । ଗତ ଛଅମାସ ପୂର୍ବରୁ ଚିଲିକାରେ ଡଙ୍ଗା ବୁଡି ଘଟଣା ଘଟିଥିଲା ଓ ଏଥିରେ ୬ଜଣଙ୍କର ମୃତ୍ୟୁ ହୋଇଥିଲା । ସେତିକି ବେଳେ ସରକାର ତତ୍ପର ହୋଇ ଉଠିଥିଲେ । ଜୁନ୍ ୨୩ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେଥିରେ ରାଜ୍ୟ ବୋଟ୍ ନିୟମ-୨୦୦୪ ଓ ସହିଦ୍ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାକୁ କଡାକଡି କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଉକ୍ତ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଆଗାମୀ ଦିନରେ ନୌଯାତ୍ରା କ୍ଷେତ୍ରରେ ଏଭଳି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ହେଲେ ଏଯାଏଁ କିଛି ହେଲାନି । ଯେଉଁଥିପାଇଁ ନୌକା ବୁଡି ଘଟଣାର ଅନ୍ତ ହେଉନାହିଁ ।

କଡା ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନିକ ଅଧିକାରୀମାନେ ଏ କ୍ଷେତ୍ରରେ ଉଦାସୀନ ରହିବା ପାଇଁ ଦାୟୀ କିଏ । ସରକାରଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ବେଖାତିର କରିବା ଯୋଗୁଁ ଏଭଳି ପରିସ୍ଥିତି ବାରମ୍ବାର ଘଟୁଛି । ୧୯୮୨ ମସିହାରେ ଭଦ୍ରକ ଜିଲ୍ଲା ମୁହାଣ ଘାଟ ନିକଟରେ ଏକ ଲଞ୍ଚ ବୁଡିଯିବା ଫଳରେ ସେଥିରେ ୧୭ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା । ୧୯୮୬ରେ ଆରଡି ପୀଠ ନିକଟରୁ ଦେଶୀ ଡଙ୍ଗାରେ ମା' ଧାମରାଇ ପୀଠକୁ ଯାଇଥିବା ଶ୍ରଦ୍ଧାଳୁମାନେ ଦର୍ଶନ ସାରି ଫେରୁଥିବା ବେଳେ ସେମାନଙ୍କ ଭିତରୁ ଡଙ୍ଗା ଓଲଟି ୧୯ଜଣଙ୍କ ପ୍ରାଣ ଯାଇଥିଲା । ୨୦୧୬ ମସିହାରେ ମୁଆଁ ଘାଟ ପାରି ହେଉଥିବା ବେଳେ ଦୁଇଟି ଡଙ୍ଗା ମଧ୍ୟରେ ଧକ୍କା ହେବାରୁ ଦୁଇଜଣ କାଉଡିଆ ଜୁଆରିଆ ନଈରେ ଭାସି ଯାଇଥିଲେ । ତେଣୁ ଡଙ୍ଗା ବୁଡିରେ ଜୀବନ ଚାଲିଯିବା ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି । ନଦୀକୂଳିଆ ଲୋକମାନେ ପହଁରା ଜାଣିଥିବାରୁ ଡଙ୍ଗା ବୁଡି ବେଳେ କୂଳକୁ ଆସିପାରୁ ଥିଲେ ବି ଯେଉଁମାନେ ପହଁରା ଜାଣିନାହାନ୍ତି ସେମାନଙ୍କ ପାଇଁ ଏହି ଘଟଣା ଅପ୍ରତ୍ୟାଶିତ । ଏଭଳି ଘଟଣା ଘଟିଲା ବେଳେ ପ୍ରଶାସନ ଯେଭଳି ତତ୍ପର ହୋଇଉଠେ ସେଭଳି ତତ୍ପରତା ସବୁଦିନ ପାଇଁ ନଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ସ୍ପଷ୍ଟ ଜାଣିହୁଏ । ଏଥିପାଇଁ ସରକାର ଯେପର୍ଯ୍ୟନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ କରିଛନ୍ତି ଏଭଳି ଦୁଃଖଦ ଘଟଣାର ଅବସାନ ହେବା ଅସମ୍ଭବ । କାରଣ ଡଙ୍ଗା ହେଉ କି ମୋଟର ଲଞ୍ଚ ସବୁଥିରେ ଯାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହିତ ଉପଯୁକ୍ତ ତାଲିମପ୍ରାପ୍ତ ଚାଳକଙ୍କୁ ଅନୁମତି ମିଳିବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ ପରିବହନ ବିଭାଗ ପକ୍ଷରୁ ଏନେଇ କଠୋର ନୀତିନିୟମ ପ୍ରଚଳନ କରାଯିବା ଦରକାର । ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ନେବା ଓ ଅଧିକ ମାଲ ପରିବହନ କରୁଥିବା ଡଙ୍ଗା ଉପରେ ଅଙ୍କୁଶ ଲଗାଇବା ଦାୟିତ୍ୱ ମଧ୍ୟ ପ୍ରଶାସନର ରହିଛି । ପ୍ରଶାସନ ଯେତେଦିନ ପର୍ଯ୍ୟନ୍ତ ବେପରୁଆ ଭାବେ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି ନ କରି ଆଇନକୁ କାର୍ଯ୍ୟକାରୀ ନ କରିବେ ସେତେଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ନାହିଁ । ନୌଯାତ୍ରାକୁ ସୁରକ୍ଷିତ କରିବା ପାଇଁ ଯେତେଦିନ ପର୍ଯ୍ୟନ୍ତ ପ୍ରଶାସନ ନ ଚେତିଛି ସେତେଦିନ ପର୍ଯ୍ୟନ୍ତ ଡଙ୍ଗା ବୁଡି ଘଟଣା ବଢ଼ି ଚାଲୁଥିବ ।

### ଲଢ଼େଇ ପାଇଁ ...

ବାରିପଦାରେ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ବାଲେଶ୍ୱର-ହଳଦିଆ-ଦୁର୍ଗାପୁର ସେକ୍ସନ୍ ଏଲପିଜି ପାଇପଲାଇନ୍ ପ୍ରକଳ୍ପ ଓ ବାଲେଶ୍ୱର ବହୁମୁଖୀ ଲଜିଷ୍ଟିକ ପାର୍କର ଲୋକାର୍ପଣ କରିବା ସହିତ ହରିପୁରଗଡ଼ରେ ଥିବା ଐତିହାସିକ ଦୁର୍ଗ ଏବଂ ରସିକରାୟ ମନ୍ଦିରର ବିକାଶ ଓ ସଂରକ୍ଷଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏଥିସହ ସେ ରାଜ୍ୟର ୬ଟି ପାସପୋର୍ଟ ସେବା କେନ୍ଦ୍ର ଉଦ୍‌ଘାଟନ କରିବା ସହ ସେ ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଛନ୍ତି । ଟାଟାନଗର ବାଦାମପାହାଡ଼ ମଧ୍ୟରେ ଦ୍ୱିତୀୟ ପାସେଞ୍ଜର୍ ଟ୍ରେନ୍‌ର ଚଳାଚଳକୁ ପ୍ରଧାନମନ୍ତ୍ରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ପ୍ରାୟ ୪୫୦୦ କୋଟି ଟଙ୍କାର ପ୍ରକଳ୍ପକୁ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ଏହା ପରେ ବାରିପଦା ଛଉ ପଡ଼ିଆରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ସେହିଭଳି ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବିଶାଳ ମହିଳା ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଓ ମୋବାଇଲ ଫୋନ୍ ପାଇଁ ୩ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରିଥିଲେ । ଅନ୍ୟପକ୍ଷରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଏହି ଅବସରରେ ବର୍ଦ୍ଧିତ ରାଶି ପ୍ରଦାନ କରିବା ସହିତ ୧୨ଟା ବ୍ଲକ ଲେଭଲ ଫେଡେରେସନକୁ ୨୫ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ମହିଳା ମାନଙ୍କ ସହିତ ଭାବ ବିନିମୟ କରିଥିଲେ । ତେବେ ଆଗରୁ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ହେଉଥିଲା ବିଜେପି ପାଇଁ ବିଜେଡି କୋହଳ ଓ ବିଜେଡି ପାଇଁ ବିଜେପି କୋହଳ ତାହା ଭୁଲ ସାବ୍ୟସ୍ତ ହୋଇଛି । କାରଣ ଏହି ଦୁଇ ଦଳ ପ୍ରତ୍ୟକ୍ଷ ଲଢ଼େଇ ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି ।

### ପୋଲାଭରମ୍ ମାମଲା ...

ଏହା ପରେ କେନ୍ଦ୍ର ସରକାରଙ୍କୁ ସତ୍ୟପାଠର ପ୍ରତି ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ସରକାର ଓ ଛତିଶଗଡ଼ ସରକାରଙ୍କ ତରଫରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟକୁ ପତ୍ର ଲେଖାଯାଇଥିଲା । ଏହାକୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଲେଖାଯାଇଥିବା ପତ୍ରରେ କେନ୍ଦ୍ରୀୟ ଜଳ ଆୟୋଗକୁ ସମ୍ଭାବ୍ୟ ବନ୍ୟା ଜଳ ପାଇଁ ପଛୁଆ ଜଳ ଅଧ୍ୟୟନ ନିମନ୍ତେ କୁହାଯାଇଛି । ଜନଶୁଣାଣି ପାଇଁ ଓଡ଼ିଶାକୁ ସୂଚନା ଯୋଗାଇ ଦେବା ପାଇଁ ମଧ୍ୟ ଚିଠିରେ କୁହାଯାଇଛି । ମାଲକାନଗିରି ଜିଲ୍ଲାରେ ପଛୁଆ ଜଳ ଅଧ୍ୟୟନ ଅନୁଧ୍ୟାନକୁ ଉପଯୁକ୍ତ ଭାବେ ଆକଳନ କରାଯିବାର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ତରଫରୁ କୁହାଯାଇଥିଲା । ଏସବୁ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଏବଂ ଏଠାରେ ମୂଲ୍ୟବାନ ଖଣିଜ ସମ୍ପଦ ରହିଛି । ତେଣୁ ଏହାର ଅନୁଧ୍ୟାନ ଉପଯୁକ୍ତ ଭାବରେ କରିବାକୁ ଓଡ଼ିଶା ତରଫରୁ ସୁପ୍ରିମକୋର୍ଟରେ କୁହାଯାଇଛି ।

### ପୁଣି ୧୦କୁ ଘୁଞ୍ଚିଲା ...

୨୦୧୦ରୁ ସୁପ୍ରିମକୋର୍ଟରେ ଏହି ମାମଲା ବିଚାରାଧୀନ ରହିଛି । ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମିକୁ ୩ ପକ୍ଷ - ସୁନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଓ ରାମଲାଲାଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦେବାକୁ ଦେଇଥିବା ରାୟ ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ଅପିଲ୍ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ଗତ ଅକ୍ଟୋବର ୨୯ରେ ସର୍ବୋଚ୍ଚ ଅଦାଲତ ଜାନୁଆରୀ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି କରିବେ ବୋଲି କହିଥିଲେ । ଗତ ବର୍ଷ ସେପ୍ଟେମ୍ବର ୨୭ରେ ୧୯୯୪ର ଏ ସମ୍ପର୍କିତ ରାୟର ପୁନର୍ବିଚାର କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିଲେ । ୨୦୧୯ ଏପ୍ରିଲ- ମେ'ରେ ଲୋକସଭା ନିର୍ବାଚନ ହେବାକୁ ଥିଲା ବେଳେ ଅଯୋଧ୍ୟା ମାମଲାର ଶୁଣାଣିକୁ ବିଳମ୍ବିତ କରିବା ପାଇଁ କେତେକ ମହଲରେ ଦାବି ହେବା ପରିପ୍ରେକ୍ଷୀରେ ସଂଘ ପରିବାର ପକ୍ଷରୁ ରାମ ମନ୍ଦିର ନିର୍ମାଣ ପାଇଁ ଅଧ୍ୟାଦେଶ ଜାରି କରିବାକୁ ଦାବି ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗରେ ପ୍ରଥମ କରି ମୁହଁ ଖୋଲିଛନ୍ତି ଏବଂ କହିଛନ୍ତି, ଏହି ବିବାଦୀୟ ପ୍ରସଙ୍ଗରେ ବିଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଅଧ୍ୟାଦେଶ ଜାରିର ପ୍ରଶ୍ନ ଉଠୁ ନାହିଁ ।

### ୨୨ ହଜାର ...

ମଧ୍ୟ ଏଯାଏଁ ମାତ୍ର ୨୨ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି । ବାସ୍ତବରେ ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଯାଏଁ ୭ ଲକ୍ଷ ୮୦ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେଇଛନ୍ତି । ୨୦୧୪ରୁ ଏଯାବତ୍ ଜଳସେଚନ ବାବଦରେ ମୋଟ ୨୬ ହଜାର ୮୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଥିରୁ କେନ୍ଦ୍ର ସରକାର ମାତ୍ର ୧୨୧୧ କୋଟି ଟଙ୍କା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମରେ ୪୬ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୫୪ ହଜାର ୪୭୨ ହେକ୍ଟର, ୫୩ ହଜାର ୫୭୬ଟି ଗଭୀର ନଳକୂପ ଜାରିଆର ୨ ଲକ୍ଷ ୮୮୦ ହେକ୍ଟର, ୫୮୩୭ଟି ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ଜରିଆରେ ୧ ଲକ୍ଷ ୨୯ ହଜାର ୭୬୪ ହେକ୍ଟର ଓ ୮୩୩୫ଟି ଚେକ୍ ଡ୍ୟାମ୍ ଜାରିଆରେ ୯୭ ହଜାର ୬୯୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଛି । ଏହାସହ ଜଳସେଚନ କ୍ଷେତ୍ରରେ ଓଡ଼ିଶା ଦେଶରେ ଆଗୁଆ ଏବଂ ଆଗାମୀ ଦିନରେ ଓଡ଼ିଶାକୁ ସହଯୋଗ ଜାରିରଖିବା ନେଇ ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।

### ୨୧ରେ ଚୂଡାନ୍ତ ...

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତଗତ ହୋଇଛି । ଏହି ଦୃଷ୍ଟିରୁ ଭୋଟର ସଂଖ୍ୟା ୩ କୋଟି ୨୪ ଲକ୍ଷ ଛୁଇଁବ । ସେହିଭଳି ପ୍ରଥମଥର ପାଇଁ ରାଜ୍ୟରେ ଭିନ୍ନକ୍ଷମ ଭୋଟରଙ୍କ ଗଣନା କରି ସେମାନଙ୍କୁ ତାଲିକାଭୁକ୍ତ କରାଯାଇଛି । ପ୍ରଥମଥର ପାଇଁ ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟରେ ସମସ୍ତ ୧୪୭ଟି ବିଧାନସଭା କ୍ଷେତ୍ର ଓ୨୧ଟି ଲୋକସଭା କ୍ଷେତ୍ରରେ ହେଉଥିବା ଭୋଟଗ୍ରହଣରେ ଇଭିଏମ୍ ସହ ଭିଭିପାଟର ବ୍ୟବହାର କରାଯିବ । ଏହି ଦୃଷ୍ଟିରୁ ଭୋଟରଙ୍କୁ ଭିଭିପାଟର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ଆସନ୍ତା ୭ରୁ ସବୁ ବିଧାନସଭା କ୍ଷେତ୍ରରେ ମକ୍ ପୋଲିଂ କରାଯିବ । ଏଥିପାଇଁ ପ୍ରତି ନିର୍ବାଚନମଣ୍ଡଳୀରେ ୭ଟି ଭ୍ରାମ୍ୟମାଣ ଗାଡ଼ି ବୁଲିବ । ପ୍ରତି ଗାଡ଼ିରେ ୨ ଜଣ ପ୍ରଶିକ୍ଷକ, ୩ ଜଣ ସହାୟକ ଓ ନିରାପତ୍ତାରକ୍ଷୀ ରହିବେ । ସେମାନେ ମକ୍ ପୋଲିଂ ସହ ମକ୍ କାଉଣ୍ଟି ମଧ୍ୟ କରିବେ ବୋଲି ସେ କହିଛନ୍ତି । ନିର୍ବାଚନ ପରିଚାଳନା ନିମନ୍ତେ ପ୍ରତ୍ୟେକ ନିର୍ବାଚନ ଅଧିକାରୀଙ୍କୁ ବିଶେଷ ଭାବେ ପ୍ରଶିକ୍ଷଣ ପାଇଁ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକଙ୍କୁ ଚିହ୍ନଟ କରାଯାଇଛି । ୫୮ଜଣ ରାଜ୍ୟସ୍ତରୀୟ ପ୍ରଶିକ୍ଷକ ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ତାଲିମ ପାଇଁ ୧୧୩୬ଜଣ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକଙ୍କୁ ତାଲିମ ଦେଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ବୁଥ୍‌ସ୍ତରରେ ତାଲିମ ଦିଆଯିବ । ତାଲିମ ପ୍ରଦାନ ପ୍ରକ୍ରିୟା ଫେବୃୟାରୀ ୨୦ ସୁଦ୍ଧା ଶେଷ ହେବା ସହ ନିର୍ବାଚନ ପରିଚାଳନାର ସମସ୍ତ ପ୍ରକ୍ରିୟା ଫେବୃଆରୀ ୨୫ ସୁଦ୍ଧା ସରିଯିବ । ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟର ୩୭ ହଜାର ୬୦୬ ବୁଥ୍ ପାଇଁ ୮୯ ହଜାର ୩୩୭ ବାଲାଟ୍ ୟୁନିଟ୍,୯୧ ହଜାର ୮୬୯ଟି କଣ୍ଟ୍ରୋଲ ୟୁନିଟ୍ ଓ ୮୯ ହଜାର ୩୫୧ଟି ଭିଭିପାଟ୍ ନିୟୋଜିତ ହେବ । ଏହିସବୁ ଉପକରଣ ହାଇଦ୍ରାବାଦର ଇଲୋକ୍ଟ୍ରୋନିକ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିଃ.ରୁ ଅଣାଯାଇଛି ।

### ୧୮ରେ ଆସିବେ ...

କେନ୍ଦ୍ର ଯୋଜନାକୁ ଲାଗୁ ନକରିବା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତର ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦେଇପାରିଲେ ନାହିଁ । ନବୀନ ସରକାର ଯେହେତୁ ରାଜ୍ୟର ବିକାଶ କିଛି କରିନାହାଁନ୍ତି ସେଥିପାଇଁ ସେ ଚୁପ୍ ରହିଛନ୍ତି । ମୋଦୀଙ୍କ ଗସ୍ତ ପରେ ଜାନୁଆରୀ ୧୮ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା ଓଡିଶା ଆସିବେ । ରାଜ୍ୟରେ ଥିବା ବିଭିନ୍ନ ଶକ୍ତି କେନ୍ଦ୍ରଗୁଡିକରେ ଯୋଗ ଦେବା ସହ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତାମାନଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସଂପର୍କରେ ଆଲୋଚନା କରିବେ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି । ସାମ୍ବାଦିକଙ୍କ ପ୍ରଶ୍ନର ଉତର ଦେବାକୁ ଯାଇ ଶ୍ରୀ ସିଂ କହିଛନ୍ତି ଯେ, ୮ତାରିଖରେ ବିଜେଡି ଚାଷୀ ସମସ୍ୟାକୁ ନେଇ ସଂସଦ ଘେରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ସମସ୍ୟା ସମାଧାନ ନକରି ବିକ୍ଷୋଭ କରିବା ନବୀନଙ୍କର ନୀତିଗତ ଅଭ୍ୟାସ, ନିଜର ଅପାରଗତାକୁ ଲଚାଇବାକୁ ଯାଇ ସେ ବାହାନା ଖୋଜୁଛନ୍ତି । ୧୯ ବର୍ଷ ଶାସନ କରୁଥିବା ଶାସକ ବିଜେଡି କାହିଁକି ଚାଷୀଙ୍କ ସମସ୍ୟା ଦୂର କରିପାରିଲେ ନାହିଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି ।

### ବିକେକେୱାଇ ଷ୍ଟ୍ରିମ୍-୨ ...

ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି । ନୂଆ ଯୋଜନାରେ ସାମିଲ ହିତାଧିକାରୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏଥିପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତିମାନଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ ଏଥିପାଇଁ ପ୍ରଚାର ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଇଛି । ନୂତନ ଭାବେ ବିକେକେୱାଇ କାର୍ଡଧାରୀମାନେ ଯେଭଳି ସହଜରେ ଚିକିତ୍ସା ସୁବିଧା ପାଇପାରିବେ ସେଥିପାଇଁ ଦୃଷ୍ଟିଦେବାକୁ କୁହାଯାଇଛି । ସେ କହିଲେ ଯେ ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, କୃଷି ଉପନିର୍ଦ୍ଦେଶକ, ଅନୁବନ୍ଧିତ ଘରୋଇ ଡାକ୍ତରଖାନାମାନଙ୍କ ସହିତ ବୈଠକ କରି ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିର(ଓଏସଟିଏଫ୍)ର ନୂତନ ମାର୍ଗଦର୍ଶିକା ଆଧାରରେ ବିକେକେୱାଇ କାର୍ଡଧାରୀମାନେ ଯେଭଳି ନିରବିଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପରାମର୍ଶ ଦିଆଯାଇଛି । ଓଏସଟିଏଫ୍‌ର ନୂତନ ମାର୍ଗଦର୍ଶିକା ଅନୁଯାୟୀ ମାରାତ୍ମକ ରୋଗରେ ପୀଡ଼ିତ ରାଜ୍ୟର ସମସ୍ତ ଗରିବଙ୍କୁ ସରକାରଙ୍କ ଚିକିତ୍ସାପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ । ବିକେକେୱାଇ କାର୍ଡଧାରୀଙ୍କ ବ୍ୟତୀତ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ହିତାଧିକାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ ହଜାର ଓ ସହରାଞ୍ଚଳରେ ୬୦ହଜାର ଟଙ୍କାରୁ କମ୍ ଆୟକାରୀମାନେ ଏହି ସୁବିଧା ପାଇପାରିବେ । ଏହାଛଡ଼ା ହୃଦ୍‌ରୋଗ, କିଡନୀ ଏବଂ କର୍କଟରେ ପୀଡ଼ିତ ରୋଗୀଙ୍କ କ୍ଷେତ୍ରରେ ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟକାରୀ ରାଜ୍ୟ ଚିକିତ୍ସା ପାଣ୍ଠିରୁ ସୁବିଧା ପାଇପାରିବେ । ଏ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର-୧୫୫୩୬୯ରେ ଯୋଗଯୋଗ ପାଇଁ ପରାମର୍ଶ ଦିଆଯାଇଛି । ଗତ ଅଗଷ୍ଟ ୧୫ ତାରିଖରୁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ଆରଏସ୍‌ବିୱାଇ ଓ ବିକେକେୱାଇର ପ୍ରାୟ ୭୦ଲକ୍ଷ ପରିବାରର ସାଢ଼େ ୩ କୋଟିରୁ ଅଧିକ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏମାନଙ୍କୁ ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି । ସେହିପରି ଗତ୪ମାସ ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ରାଜ୍ୟର ଏକ କୋଟି ୮୦ ଲକ୍ଷରୁ ଅଧିକ ରୋଗୀ ଉପକୃତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଲକ୍ଷରୁ ଅଧିକ ଲୋକଙ୍କର ମାଗଣାରେ ଅପରେସନ୍ ହୋଇଛି । ଗତ ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାରର ପ୍ରାୟ ସାଢ଼େ ୩କୋଟି ଲୋକ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହାଛଡ଼ା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ନିମ୍ନ ଆୟକାରୀବର୍ଗର ପରିବାର ସହିତ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯାଉଥିବା ମନ୍ତ୍ରୀ ଶ୍ରୀଜେନା କହିଛନ୍ତି ।

# ମହାନଦୀ ଡଙ୍ଗାବୁଡି ଘଟଣାକୁ ନେଇ ତେଜୁଛି ରାଜନୀତି







**ପାରାଦୀପ :** ଗତ ୨ ତାରିଖ ବୁଧବାର ସଧାରେ ହୁକିଟୋଲାରୁ ବଣଭୋଜି ସାରି ଫେରୁଥିବା ବେଳେ ମହାକାଳ ପଡା ଅଞ୍ଚଳର ନିପାଣିଆ ନିକଟସ୍ଥ ମହାନଦୀରେ ଏକ ନୌକା ଦୁର୍ଘଟଣା ପାଣିରେ ବୁଡି ୧୦ ଜଣଙ୍କ ଜୀବନ ଚାଲିଯାଇଥିଲା । ଡଙ୍ଗାର କ୍ଷମତା ଠାରୁ ଅଧିକ ଯାତ୍ରୀ ଆନୁମାନିକ ୫୫ ଜଣ ଯାତ୍ରା କରିବା ଏହି ଦୁର୍ଘଟଣାର କାରଣ ବୋଲି କୁହାଯାଉଛି । ଏହି ଦୁଃଖଦ ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାର ତଦନ୍ତ ଓ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସାହାଯ୍ୟ ଘୋଷଣା କରିଛନ୍ତି । ଏଠାରେ ପ୍ରକାଶ ଥାଉକି ସମସ୍ତ ମୃତ ୧୦ ଜଣ ହେଉଛନ୍ତି ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ବ୍ଲକ୍‌ର ହସିଣା ଗ୍ରାମର ଏବଂ ଏହି ନୌକା ଦୁର୍ଘଟଣାରେ ଆହତ ଲୋକମାନେ ଏବେ କୁଜଙ୍ଗ ଚିକିତ୍ସାଳୟରେ ଚିକିତ୍ସାଧୀନ । ଏହି ଆହତଙ୍କୁ ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ଜଗତ୍‌ସିଂହପୁର ସାଂସଦ ଡଃ. କୁଳମଣି ସାମଲ, ଶ୍ରମିକ ନେତ ସନ୍ତୋଷ ପଟ୍ଟନାୟକ, କଂଗ୍ରେସ ନେତା ବାପି ସାର୍ଖେଲ୍, ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ବିଜେପି ନେତା ସମ୍ପଦ ସ୍ୱାଇଁ ଏବଂ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାଏ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିବା ବେଳେ ହସିଣା ଗ୍ରାମକୁ ଯାଇ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ନେତା ବାପି ସାର୍ଖେଲ ଓ ବିଜେପି ନେତା ସମ୍ପଦ ସ୍ୱାଇଁ ପୃଥକ ପୃଥକ ଭାବେ ନିଜ ସମର୍ଥକଙ୍କ ସହିତ କଟକ - ପାରାଦୀପ ରାଜ୍ୟ ରାଜପଥର ହସିଣା ଛକଠାରେ ରାସ୍ତା ଅବରୋଧ କରି ଦୁର୍ଘଟଣା ଡଙ୍ଗାର ମାଲିକଙ୍କ ଗିରଫକୁ ପ୍ରତ୍ୟାହାର ଓ ଅନୁକମ୍ପା ରାଶି ୪ ଲକ୍ଷରୁ ୧୦ ଲକ୍ଷ ବଢାଇବାର ଦାବି କରିଥିଲେ । ତେବେ ଆଉ କିଛି ଦିନ ପରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏପରି ଘଟଣାକୁ ରାଜନୀତି କରଣ କରାଯିବା ସାଧାରଣରେ ନିନ୍ଦା କରାଯାଉଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କେନ୍ଦ୍ରାପଡା ଜିଲ୍ଲାରେ ଅଘଟଣକୁ ପ୍ରଶାସନ ତରଫରୁ ତ୍ୱରିତ ପଦକ୍ଷେପ ସହିତ ୨ ଭଉଣୀ ପୂର୍ଣ୍ଣିମା ଓ ସୁସ୍ମିତାଙ୍କ ଅଦମ୍ୟ ସାହାସିକତା ଓ ସ୍ଥାନୀୟ ଲୋକ ମାଛଧରା ଡଙ୍ଗା ଦ୍ୱାରା ତତ୍‌କାଳ ସାହାଯ୍ୟକୁ ସାବାସି ନଦେଇ କୁଜଙ୍ଗ ଠାରେ ରାଜନୈତିକ ଉଷ୍ମତା ଭିତରେ ବୁଡି ଯିବା ଡଙ୍ଗାବୁଡି ଦୁଃଖଦ ଠାରୁ ଏହା ଅଧିକ ଦୁଃଖଦ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି ।

# 'କାଳିଆ' ଯୋଜନାର ପ୍ରଥମ ଜିଲ୍ଲାସ୍ତରୀୟ ବୈଠକ



**ଖୋର୍ଦ୍ଧା :** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାଳିଆ ଯୋଜନାର ପ୍ରଥମ ବୈଠକ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଖୋର୍ଦ୍ଧା ଉପକୃଷି ନିର୍ଦ୍ଦେଶକ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଉପସ୍ଥାପିତ କରିଥିଲେ । ଜିଲ୍ଲାପାଳ ଯୋଜନାର ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରିଥିଲେ । ଚାଷ ପାଇଁ କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ୨୫ହଜାର ଟଙ୍କା ସହାୟତା ରାଶି ୫ଟି କିସ୍ତିରେ ପ୍ରଦାନ କରାଯିବା ସହିତ ଚଳିତ ରବି ଋତୁରେ ଏହା କାର୍ଯ୍ୟକାରୀ ହେବ । ଭୂମିହୀନକୁ ଆନୁସାଙ୍ଗିକ ବୃତ୍ତି ପାଇଁ ବାର୍ଷିକ ୧୨ହଜାର ୫ଶହ ଟଙ୍କା ପ୍ରଦାନ, ବୃଦ୍ଧି ଓ ଅସମର୍ଥ ଚାଷୀମାନଙ୍କୁ ବାର୍ଷିକ ୧୦ହଜାର ଟଙ୍କା ସହାୟତା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ସହାୟତା, ଜୀବନ ବୀମା ସହାୟତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଚାଷୀ ଓ ଭୂମିହୀନ ପରିବାରକୁ ୨ଲକ୍ଷ ଟଙ୍କାର ଜୀବନ ବୀମା ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମାର ସୁବିଧା ସହିତ ବିଭାଗୀୟ ଅଧିକାରୀମାନଙ୍କୁ କାଳିଆ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ । କୃଷି ବିଭାଗକୁ ସବୁଜ ଓ ଲାଲ ରଙ୍ଗର ଆବେଦନ ଦରଖାସ୍ତ ପତ୍ର ଯଥେଷ୍ଟ ପରିମାଣରେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ପଞ୍ଚାୟତରେ ୧୦ କପି ଚାଷୀ ତାଲିକା ଝୁଲାଇବା ପୋଷ୍ଟର, ପାମ୍ଫଲେଟ୍, ଫ୍ଲେକ୍ସ ଓ ହୋଡ଼ିଂ ଲଗାଇବା ପାଇଁ ସମବାୟ ବିଭାଗକୁ ନିର୍ଦ୍ଦେଶ ସବୁଜ ଓ ଲାଲ ରଙ୍ଗର ବାକ୍ସ କାର୍ଯ୍ୟାଳୟରେ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଗ୍ରାମପଞ୍ଚାୟତ ଗୁଡ଼ିକରେ ନୋଡ଼ାଲ ଅଫିସର ଓ ସେକ୍ଟର ଅଫିସରମାନଙ୍କ ତାଲିକା ପ୍ରଦାନ ପାଇଁ ବି.ଡ଼ି.ଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବ୍ଲକ୍‌ର ବିଡ଼ିଓ ମାନଙ୍କୁ କ୍ଷେତ୍ର କର୍ମଚାରୀମାନଙ୍କୁ ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ସମସ୍ତ ବିଷୟରେ ଜଣାଇ ଦିଆଯାଇଥିଲା ।

ପର୍ଯ୍ୟଟନ


# ବାଗା ବିଚ୍ : ରେସ୍ତୋଁରାରେ ସି-ଫୁଡ ଓ ପାନୀୟର ଆସର

ଗତ ସ୍ତମ୍ଭରେ ଗୋଆର ବାଗା ବିଚ୍ ସମ୍ପର୍କରେ ଲେଖିଥିଲି। ୱାଟର ସ୍କୁଟରରେ ମୁଁ ସମୁଦ୍ର ଭିତରେ ସୂର୍ଯ୍ୟାସ୍ତର ମଜା ନେବା ବେଳକୁ ଏପଟେ ମୋର ବନ୍ଧୁ ଏବଂ ଗାଇଡ୍ କୁଆଡେ ଗାଏବ୍ ହୋଇଯାଇଥିଲେ। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଲାଗୁନଥିଲା। ବାଗା ବିଚ୍‌ରେ ଧିରେ ଧିରେ ଅନ୍ଧାରର ରାଜୁତି ଆରମ୍ଭ ହୋଇଯାଇଥିଲା। ମୁଁ ସେମାନଙ୍କୁ ଖୋଜିବାକୁ ଆରମ୍ଭ କଲି। ବାଗା ବିଚ୍‌ରେ ଅନ୍ଧାର ହେବା ମାତ୍ରେ ବିଚ୍ କୂଳରେ ଥିବା ବାର୍ ଆଉ ରେଷ୍ଟୁରାଣ୍ଟ ଗୁଡିକ ଖୁବ୍ ଚଳଚଞ୍ଚଳ ହୋଇ ଯାଇଥିଲା। ଏହାରି ଭିତରେ ଚାଲି ଚାଲି ମୋର ବନ୍ଧୁଙ୍କୁ ଖୋଜିବାରେ ଲାଗୁଥିଲି। ହେଲେ ଏତେ ଭିଡ ଭିତରେ ମୁଁ ସେମାନଙ୍କୁ ପାଇବି କେମିତି। ଏଇ ଚିନ୍ତାରେ ମୁଁ ଥାଏ। ଏତିକି ବେଳକୁ ମୋ କାନରେ ପଡିଲା ଦୁଇଜଣ ବ୍ୟକ୍ତି ଓଡ଼ିଆ ଭାଷାରେ କଥା ହେଉଛନ୍ତି। ମନରେ ସାମାନ୍ୟ ଆଶାର ସଞ୍ଚାର ହେଲା। ମୁଁ ସେମାନଙ୍କ ସହ କଥା ହେଲି। ପ୍ରକୃତରେ ସେମାନେ ଦୁଇଜଣ ହେଉଛନ୍ତି ଗଞ୍ଜାମ ଅଞ୍ଚଳର। ନିଜ ଜୀବନ ଜୀବିକା ପାଇଁ ଗୋଆରେ ରହିଛନ୍ତି। ଆଉ ଦୁଇଜଣ ଯାକ ଏହି ବାଗା ବିଚ୍‌ର ଏକ ବାର୍ ଆଉ ରେଷ୍ଟୁରାଣ୍ଟର ମ୍ୟାନେଜର ଅଛନ୍ତି। ପ୍ରକୃତରେ କଥାବାର୍ତ୍ତା ହେବା ଭିତରେ ମୁଁ ଜାଣିବାକୁ ପାଇଲି ଯେ, ସେ ଦୁଇଜଣଙ୍କ ଭିତରୁ ମୋର ଜଣେ ବନ୍ଧୁଙ୍କର ସମ୍ପର୍କୀୟ ଭାଇ ଅଟନ୍ତି। ମୋ ପରିଚୟ ପାଇବା ପରେ ସେ ମୋତେ ଖୁବ୍ ସାଦରେ ତାଙ୍କ ରେଷ୍ଟୁରାଣ୍ଟକୁ ଡାକିଲେ। ରେଷ୍ଟୁରାଣ୍ଟଟି ଠିକ୍ ସମୁଦ୍ରକୂଳରେ ହିଁ ରହିଥିଲା। ରେଷ୍ଟୁରାଣ୍ଟର ଟେବୁଲ ଗୁଡିକ ଖୁବ ଭଲ ଭାବରେ ସଜା ହୋଇଥାଏ। ପରିବେଶ ସମ୍ପୂର୍ଣ୍ଣ ଆଲୋକିତ ନଥାଏ। ଟେବୁଲ୍ ଉପରେ ମହମବତୀ ଜଳୁଥାଏ। ଟେବୁଲରେ ଖାଦ୍ୟ ସହ ପାନୀୟ ମଧ୍ୟ ପରଷା ଯାଉଥାଏ। ମାନେ କହିବାକୁ ଗଲେ ପୁରା ସମୁଦ୍ରକୂଳରେ କ୍ୟାଣ୍ଡେଲ ଲାଇଟ୍ ଡିନର। ଅବଶ୍ୟ ସମୟ ପାଖାପାଖି ସଂଧ୍ୟା ୭ଟା କିନ୍ତୁ ବାଗା ବିଚ୍‌ରେ ସଂଧ୍ୟାକାଳୀନ ମନୋରଞ୍ଜନର ପରିବେଶ ପୂରା ତୟାର। ଏହାରି ଭିତରେ ରେଷ୍ଟୁରାଣ୍ଟର ଓଡ଼ିଆ ମ୍ୟାନେଜର ମୋତେ ଭିତରକୁ ନେଇ ଏକ ଟେବୁଲ୍‌ରେ ବସିବାକୁ କହିଥିଲେ। ମୁଁ ସେଠାରେ ବସି ଖାଲି ଚାରିପଟକୁ ଦେଖୁଥାଏ। ବାଃ କି ଚମତ୍କାର ପରିବେଶ। ମୋ ମନରେ ଏହାବି ଆସିଲା ଯେ, ବୋଧହୁଏ ଏପରି ପରିବେଶ ପାଇଁ ଅନେକ ବିଦେଶୀ ପର୍ଯ୍ୟଟକ ଗୋଆକୁ ବୁଲିବାକୁ ଆସିଥାନ୍ତି। ଏସବୁ ଭିତରେ କିନ୍ତୁ ମୁଁ ମନେ ମନେ ମୋର ବନ୍ଧୁ ଏବଂ ଗାଡି ଚାଳକଙ୍କ କଥା ମନେ ପଡୁଥାଏ। ରେଷ୍ଟୁରାଣ୍ଟର ମ୍ୟାନେଜର ଏହା ଭିତରେ ଆସି ମୋ ସହ କଥା ହେବାକୁ ଆରମ୍ଭ କଲେ। ତାଙ୍କ କହିବା ଅନୁସାରେ ସେ ପାଖାପାଖି ୧୦ ବର୍ଷ ହେବ ଗୋଆରେ କାମ କରି ଆସୁଛନ୍ତି। ତାଙ୍କ ସୂଚନା ଅନୁସାରେ ଗୋଆର ସି ଫୁଡ୍ ହିଁ ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେ ମୋ ପାଇଁ ଏକ ପାଂପ୍ଲେଟ୍ ମାଛର ଗୋଆ ଶୈଳୀରେ ତନ୍ଦୁର ପ୍ରସ୍ତୁତ କରୁଥିବା କଥା ମଧ୍ୟ କହିଲେ। ମନାକଲେ ମଧ୍ୟ ତାଙ୍କ ଅନୁରୋଧ ଏତେ ଆନ୍ତରିକ ଥିଲା ଯେ ମୁଁ ଏଡାଇ ପାରିଲି ନାହିଁ। ତା'ପରେ ସେ ତାଙ୍କ କାମରେ ଲାଗିଲେ। ହେଲେ ହଠାତ୍ ମୋ ପଛପଟୁ କେହି ଜଣେ ହିନ୍ଦୀ ଭାଷାରେ କହିବା ଭଳି ଶୁଭିଲା 'ସାର୍ ପକଡେ ଗୟେ' ମୁଁ କାହିଁକି କେଜାଣି ଅନୁଭବ କଲି ଯେ ଏହା ମୋ ଗାଡି ଚାଳକଙ୍କ ସ୍ୱର। କ୍ଷୀଣ ଆଲୋକରେ ସମ୍ପୂର୍ଣ୍ଣ ଦେଖାଯାଉ ନଥିଲେ ମଧ୍ୟ ମୁଁ ବୁଲି ପଡି ଦେଖିବା ବେଳକୁ ଲାଗିଲା ଜଣେ ବ୍ୟକ୍ତି କେହି ଟେବୁଲରେ ମୁଣ୍ଡ ଭରା ଦେଇ ରହିଛନ୍ତି। ଆଉ ଜଣେ ତାଙ୍କ ପାଖରେ ବସିଛନ୍ତି। ସାମ୍ନାରେ ପ୍ରାୟ ୪/୫ଟି ବିୟର ବୋତଲ୍ ରଖାଯାଇଛି ଏବଂ ପ୍ଲେଟ୍‌ରେ ମାଛ ଭଜାର ଅବଶିଷ୍ଟାଂଶ ମଧ୍ୟ ରହିଛି। ମୁଁ ଧିରେ ଧିରେ ସାହାସ ସଞ୍ଚୟ କରି ସେହି ଟେବୁଲ୍ ପାଖକୁ ଗଲି ଆଉ ଯାହା ଦେଖିଲି, ତା'ପରେ ମୋ ପାଖରେ ଆଉ କିଛି କହିବାକୁ ନଥିଲା। ମୋର ବନ୍ଧୁ ପୂରା ଆକଣ୍ଠ ବିୟର ପାନ କରି ଟେବୁଲ ଉପରେ ମୁଣ୍ଡ ଭରା ଦେଇ ଶୋଇଯାଇଛନ୍ତି ଏବଂ ମୋ ଗାଡି ଚାଳକ ତାଙ୍କ ପାଖରେ ବସିଛନ୍ତି। ସେ କିନ୍ତୁ ସାମାନ୍ୟ କମ୍ ନିଶାରେ ଥିବା ଭଳି ଲାଗୁଛନ୍ତି। ମୋତେ ଦେଖି ଦେଇ ସେ ସମ୍ପୂର୍ଣ୍ଣ ବ୍ୟସ୍ତ ବିବ୍ରତ ହୋଇ ପଡିଲେ। ଏହାଭିତରେ ମୋ ପାଇଁ ପାଂପ୍ଲେଟ୍ ମାଛର ତନ୍ଦୁର ନେଇ ରେଷ୍ଟୁରାଣ୍ଟ ମ୍ୟାନେଜର ପହଞ୍ଚି ସାରିଥିଲେ। ସେ ମୋ ମୁହଁରୁ ଜାଣିପାରିଲେ ବୋଧେ ମୋ ବିରକ୍ତି ଭାବ। ତା' ପରେ ମୋତେ ସେ ବୁଝାଇବାକୁ ଚେଷ୍ଟା କଲେ ଯେ, ଗୋଆକୁ ଆସୁଥିବା କିଛି ପର୍ଯ୍ୟଟକମାନେ ବିଚ୍ କୂଳରେ ଆସି ବିୟର ଏବଂ ବିଭିନ୍ନ ପ୍ରକାରର ମଦ ପିଇଥାନ୍ତି। ମାଛ ଭଜା ଖାଇଥାନ୍ତି। ତେଣୁ ଏହାକୁ ଦେଖି ବିରକ୍ତ ହେବାର କିଛି ନାହିଁ। ତେବେ ମୁଁ ମଧ୍ୟ ତାଙ୍କ କଥାରେ ସାମାନ୍ୟ ଆଶ୍ୱସ୍ତି ବୋଧ କଲି। ସେ ମୋର ବନ୍ଧୁଙ୍କ ପାଇଁ କଫି ମଧ୍ୟ କରିକି ଆଣିଲେ। କଫି ପିଇବା ପରେ ସେ ସାମାନ୍ୟ ପ୍ରକୃତିସ୍ଥ ହେଲେ। ମୋର ଯାହା ଅନୁମାନ ହେଲା ମୁଁ ୱାଟର ସ୍କୁଟରରେ ସୂର୍ଯ୍ୟୋଦୟର ମଜା ନେଉଥିବା ବେଳେ ସେମାନଙ୍କ ବିୟର ପିଇବା ଆରମ୍ଭ ହୋଇଥିଲା। ଆଉ ପହଞ୍ଚିବା ବେଳକୁ ୪/୫ଟି ବିୟର ଶେଷ। ଆଉ ତା'ପରେ ଯେଉଁ ଅବସ୍ଥା ତାହା ମୁଁ ଦେଖିଲି। ତେବେ ଏହା ଭିତରେ ମୋ ପାଂପ୍ଲେଟ୍ ତନ୍ଦୁର କିନ୍ତୁ ଥଣ୍ଡା ହୋଇ ସାରିଥିଲା। ବାଗା ବିଚ୍ କୂଳରେ ଥିବା ପ୍ରାୟ ପ୍ରତ୍ୟକ ରେଷ୍ଟୁରାଣ୍ଟ ଆଉ ବାର୍‌ରେ ସେତେବେଳକୁ ଖୁବ୍ ଗହଳ ଚହଳ ହୋଇସାରିଥିଲା। ଅନେକ ପର୍ଯ୍ୟଟକ ପାନୀୟ ସହ ବିଭିନ୍ନ ସି-ଫୁଡ୍‌ର ମଜା ନେଉଥିଲେ। ମୋ ମନରେ ବି ସେତେବେଳକୁ ଆଉ ବାଗା ବିଚ୍ ଛାଡିବା ପାଇଁ ଇଚ୍ଛା ହେଉ ନଥିଲା କେମିତି କେଜାଣି ଏକ ଅଦ୍ଭୁତ ଇଚ୍ଛା ମୋ ମନରେ ଜାଗ୍ରତ ହେଉଥିଲା।

*କ୍ରମଶଃ...*












ଉପସ୍ଥାପନା
ଜାହ୍ନବୀସୁତ

# ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନର ଲୋକାର୍ପଣ

**ଖୋର୍ଦ୍ଧା :** ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ବିଶିଷ୍ଟ ଜନନାୟକ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକ ୯୨ତମ ଜୟନ୍ତୀ ଉତ୍ସବ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କ ଉଦେଶ୍ୟରେ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍ୟାନକୁ ଲୋକର୍ପଣ କରାଯାଇଥିଲା। ଜାନକୀ ବଲ୍ଲଭ ପଟନାୟକ ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଲୋକସଭା ସାଂସଦ ଡ଼.ପ୍ରସନ୍ନ କୁମାର ପାଟ୍ଟଶାଣୀ, ରାଜ୍ୟ ସଭା ସାଂସଦ ସୌମ୍ୟ ରଂଜନ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଡ଼. ଦିଲ୍ଲିପ ଶ୍ରୀଚନ୍ଦନ, ଉତ୍ତର ଓଡ଼ିଶାର ପୂର୍ବତନ କୂଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଡ଼ାକ୍ତର ବିମଳ ରଥ, ଶିଶିର କୁମାର ପରିଡ଼ା ପ୍ରମୁଖ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସ୍ମୃତି କମିଟି ଟ୍ରଷ୍ଟର ସଭାପତି ସାଂସଦ ସୌମ୍ୟ ରଂଜନ ପଟ୍ଟନାୟକ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଟ୍ରଷ୍ଟର ସମ୍ପାଦକ ସଂଜୟ ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ।



# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ହଡ଼ପକାରୀଙ୍କୁ ଗିରଫ ଦାବି

**ଖୋର୍ଦ୍ଧା :** ସଦର ଥାନା ଅର୍ନ୍ତଗତ ଧଉଳିମୁହଁ ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଣୋହି ଅନ୍ତର୍ଗତ ଋଷ ଓ ଗୃହ ଉପଯୋଗୀ ଜମିକୁ ଜମି ମାଫିଆମାନେ ହଡ଼ପ କରି ଚାଲିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ମୁଲ୍ୟବାନ ଜମିକୁ ହାତେଇବା ପାଇଁ ବହୁ ପ୍ରଭାବାଶାଳୀ ବ୍ୟକ୍ତିଙ୍କ ପ୍ରୋରୋଚନାରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରିତେଶ ସାହୁ, କାଳନ୍ଦି ଚରଣ ରାଉତରାୟ, ରବିନ୍ଦ୍ର ରାଉତରାୟ, କିଶୋର ଚନ୍ଦ୍ର ପାଟୋଯୋଶୀଙ୍କ ସମେତ ଏକାଧିକ ଜମି ଦଲାଲମାନେ ନକଲି ଦସ୍ତାବିଦ୍ ବଳରେ ଅଦାଲତଙ୍କ ନିର୍ଦ୍ଦେଶ ନାମାଙ୍କୁ ବେଖାତିର କରି ବେଆଇନ ଭାବରେ ଦଖଲ କରି ବିକ୍ରୀ କରିବା ନିମନ୍ତେ ଯୋଜନା ଚଳାଇଥିବା ଜଣାପଡ଼ିଛି। ଯାହାର ଉଦାହରଣ ସ୍ୱରୂପ ଧଉଳିମୁହଁ ଗ୍ରାମର ଗୋଦାବରୀ ମାଝିଙ୍କ ଜମିବିବାଦ ଅନ୍ତଭୁକ୍ତ ଅଟେ। ଅଦାଲତଙ୍କ ତରଫରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ସମ୍ପତ୍ତି ଜବରଦଖଲକାରୀଙ୍କ କବଳରୁ ମୁକ୍ତକରି ଶ୍ରୀମନ୍ଦିର ପ୍ରଶାସନ ନାମରେ ପଞ୍ଜିକୃତ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ ସୁଦ୍ଧା ଏହାକୁ ବେଖାତିର କରି କାଳନ୍ଦୀ ଚରଣ ରାଉତରାୟଙ୍କ ପରି ବ୍ୟକ୍ତି ବିଶେଷଙ୍କ ନାମରେ ଜବର ଦଖଲ ସ୍ୱରୂପ ତାଲିକା ଭୁକ୍ତ କରିବାକୁ ଷଡ଼ଯନ୍ତ୍ର ରଚନା କରାଯାଇଛି। ଏପରି ବେଆଇନ କାର୍ଯ୍ୟକୁ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଣୋହି ଅନ୍ତର୍ଗତ ସମ୍ପତ୍ତିକୁ କାଗଜ କଲମରେ ଆତ୍ମସାତକୁ ଓଡ଼ିଶା ଲୋକଦଳ ଦୃଢ ବିରୋଧ କରିବା ସହିତ ଏହି ସ୍ପର୍ଶକାତର ଘଟଣାରେ ଓଡ଼ିଶା ଲୋକଦଳ ନିଜକୁ ପକ୍ଷଭୁକ୍ତ କରିବା ସହିତ ଏପରି ମହାଦୁର୍ନୀତିର ସରଜମିନ ତଦନ୍ତ ନିମନ୍ତେ ପ୍ରଥମ ତଦନ୍ତ ନିମନ୍ତେ ପ୍ରଥମ ଦଫାରେ ଅଭିଯୁକ୍ତ କାଳନ୍ଦି ଚରଣ ରାଉତରାୟ, ରବିନ୍ଦ୍ର ରାଉତରାୟ, ରିତେଶ ସାହୁ ଓ କିଶୋର ଚନ୍ଦ୍ର ପାଟଯୋଶୀଙ୍କୁ ଗିରଫ କରିବା ସହ ସେମାନଙ୍କ ଅଦୃଶ୍ୟ ତଥା ଅଘୋଷିତ ମୁନିବଙ୍କୁ ଗିରଫ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଣୋହି ସମ୍ପତ୍ତିକୁ ସମଗ୍ର ଖୋର୍ଦ୍ଧା ଜିଲ୍ଲାରୁ ଉଦ୍ଧାର କରିବା ପାଇଁ ଓଡ଼ିଶା ଲୋକଦଳ ଦାବୀ କରିଛି। ନଚେତ୍ ଆଗାମୀ ଦିନରେ ଓଡ଼ିଶା ଲୋକ ଦଳ ତରଫରୁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀରେ ଖୋର୍ଦ୍ଧା ସଦର ଥାନା ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମତେ ଗଣ ଧାରଣା ଦିଆଯିବବୋଲି ଓଡ଼ିଶା ଲୋକ ଦଳ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ଖୋର୍ଦ୍ଧା ସଦର ଥାନାରେ ଓଡ଼ିଶା ଲୋକଦଳର ସଭାପତି ଦିପ୍ତି ରଂଜନ ମହାନ୍ତି କରିଥିବା ଜଣାପଡ଼ିଛି।

# ସେତୁ ନିର୍ମାଣ ନହେଲେ ଭୋଟ ବର୍ଜନ କରିବେ ଗ୍ରାମବାସୀ

**ଜୟପାଟଣା, (ସନ୍ତୋଷ ସିଂହ) :** ପାଇକାକେନ୍ଦୁମୁଣ୍ଡି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଏକ ବୃହତ ଗ୍ରାମ ନାଗୁପଡା ଗ୍ରାମ। ଯେଉଁ ଗ୍ରାମରେ କେବଳ ଆଦିବାସୀ ଓ ହରିଜନ ବର୍ଗର ପ୍ରାୟ ଦୁଇଶହରୁ ଅଧିକ ଲୋକ ଆଜକୁ ୬୦ ବର୍ଷ ହେବ ବହୁ ଅସୁବିଧା ମଧ୍ୟରେ ଦିନ କାଟିଆସୁଛନ୍ତି। ସେମାନଙ୍କ ମୁଖ୍ୟ ସମସ୍ୟା ହେଲା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ଯୋଜନା। ମୁଖିଗୁଡା ଗ୍ରାମ ପଞ୍ଚାୟତ ଠାରୁ ମାତ୍ର ଦୁଇ କିମି ଦୂରରେ ଥିଲେ ବି ଏହି ଗାଁଟି ଦୋକାନ ବଜାର, ସରକାରୀ ସୁବିଧା, ରାସ୍ତା ଓ ଗମନା ଗମନ ବ୍ୟବସ୍ଥାରୁ ବଞ୍ଚିତ। ଗ୍ରାମବାସୀମାନେ ନିଜ ଗ୍ରାମ ପଞ୍ଚାୟତ ଅଫିସକୁ ୪ କିମି ବୁଲାବାଟ ଦେଇ ଯିବା ଛଡା ତାଙ୍କର ଅନ୍ୟକିଛି ଉପାୟ ନାହିଁ। ଗ୍ରାମବାସୀଙ୍କର ଏଭଳି କଷ୍ଟ ପଛରେ ମୁଖ୍ୟ କାରଣ ହେଉଛି ଛଞ୍ଚାଣ ଜୋର। ଏହା ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ଲୋକେ ୨୦୧୫ ମସିହାରୁ ନେତା, ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ବି ଏପର୍ଯ୍ୟନ୍ତ ଏଠାରେ ସେତୁଟିଏ ନିର୍ମାଣ ହୋଇପାରିଲା ନାହିଁ। ତେଣୁ ବାଧହୋଇ ଗ୍ରାମବାସୀମାନେ ଚଳିତ ବର୍ଷ ଭୋଟ ବର୍ଜନ କରିବାକୁ କଠୋର ନିଷ୍ପତ୍ତି ନେଇଛନ୍ତି। ଏ ବିଷୟରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ନେତାମାନଙ୍କୁ ଓ ଶେଷରେ ଜିଲ୍ଲାପାଳ ଓ ନିର୍ବାଚନ କମିଶନଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଗ୍ରାମବାସୀଙ୍କ ଦୀର୍ଘଦିନର ସେତୁ ନିର୍ମାଣ ନହୋଇ ପାରିଥିବାରୁ ସେମାନେ ଆଗାମୀ ନିର୍ବାଚନରେ ଭୋଟ ଗ୍ରହଣ କାର୍ଯ୍ୟରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଗ୍ରାମକୁ ଲାଗିକରି ଥିବା କଳାହାଣ୍ଡି ଜିଲ୍ଲା ଇଷ୍ଟଦେବୀ ମା' ଡୋକରୀ ଦେବୀଙ୍କ ମନ୍ଦିର ଓ ଜିଲ୍ଲା ମୁଖ୍ୟ ଧର୍ମସ୍ଥଳୀ ତଥା ପାହାଡ ଝରଣା ପରିବେଶ ଦୃଷ୍ଟିରୁ ଏହି ସ୍ଥଳକୁ ଅସଂଖ୍ୟ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ। ତେଣୁକରି ଏହି ତୀର୍ଥ ସ୍ଥଳକୁ ଆସୁଥିବା ପର୍ଯ୍ୟଟକଙ୍କୁ ଗମନା ଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଜୋର ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ବାରମ୍ବାର ରାଜ୍ୟ ସରକାରଙ୍କ ନେତା, ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଆଜକୁ ୪ ବର୍ଷ ହେବ ଲିଖିତ ମୌଖିକ ଭାବେ ଜଣାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟପନ୍ଥା ହାତକୁ ନିଆଯାଇ ନଥିବା ସ୍ପଷ୍ଟ ଅନୁମେୟ। ସେତୁ ନିର୍ମାଣ ନ ହେଉଥିବାରୁ ସ୍ଥାନୀୟ ଜନସାଧାରଣ ତଥା ବୁଦ୍ଧିଜୀବୀଙ୍କ ମହଲରେ ଅଶାନ୍ତି ସୃଷ୍ଟି କରୁଛି। ସେତୁ ନିର୍ମାଣ ପାଇଁ ଶୀଘ୍ର କାର୍ଯ୍ୟପନ୍ଥା ଗ୍ରହଣ କରାଗଲେ ଜିଲ୍ଲାର ଏକ ମୁଖ୍ୟ ଧର୍ମପୀଠର ମର୍ଯ୍ୟାଦା ବୃଦ୍ଧି ହେବା ସହିତ ସ୍ଥାୟୀ ସୁରକ୍ଷା ମିଳିବ ବୋଲି ସାଧାରଣରେ ଦାବି ହେଉଛି।





# ‘ଉଜ୍ଜ୍ୱଳା’ରୁ ବଞ୍ଚିତ ହେବେନି ଜଣେ ହେଲେ ଗରିବ ମହିଳା : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଅଦ୍ୟାବଧି ଦେଶର ୬ କୋଟି ଗରିବ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ ବଣ୍ଟନ କରାଯାଇଛି। ବୁଧବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ୬କୋଟିତମ ହିତାଧିକାରୀଙ୍କୁ ଏହି ଗ୍ୟାସ୍ ବଣ୍ଟନ କରିଛନ୍ତି। ଦିଲ୍ଲୀର ଖାନପୁର, ଶିବପାର୍କ ଅଞ୍ଚଳର ଜସ୍ମିନା ଖାତୁନଙ୍କୁ ଏହି ଗ୍ୟାସ୍ ମଧ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଦେଶରେ ଜଣେ ହେଲେ ଗରିବ ମହିଳାଙ୍କୁ ଉଜ୍ଜ୍ୱଳାରୁ ବଞ୍ଚିତ କରାଯିବ ନାହିଁ। ଗ୍ୟାସ୍ ନେଉଥିବା ମହିଳାମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୮୦ ପ୍ରତିଶତ ହିତାଧିକାରୀ ରିଫିଲିଙ୍ଗ୍ କରିସାରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାତ୍ର ୩୨ ମାସ ମଧ୍ୟରେ ୬ କୋଟି ଉଜ୍ଜ୍ୱଳା ହିତାଧିକାରୀଙ୍କ ଘରେ ଏଲ୍‌ପିଜି ଗ୍ୟାସ ପହଞ୍ଚିପାରିଛି। ୧୯୫୫ରୁ ୨୦୧୪ ମସିହା ୬୦ ବର୍ଷ ମଧ୍ୟରେ ମାତ୍ର ୧୩ କୋଟି ଘରେ ଏଲ୍‌ପିଜି ଥିବାବେଳେ ମୋଦୀ ସରକାରଙ୍କୁ ୫ ବର୍ଷ ପୂରିବାରୁ ଆହୁରି ୪ ମାସ ବାକି ଥିବାବେଳେ କେବଳ ଉଜ୍ଜ୍ୱଳା ଯୋଜନାରେ ୬ କୋଟି ଗ୍ୟାସ୍ ସଂଯୋଗ ନେଇପାରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଆଜି ହେଉଛି ଦେଶ ପାଇଁ ଏକ ସ୍ମରଣୀୟ ଦିନ। ୨୦୧୬ ମେ’ ୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ପ୍ରଥମ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ ହୋଇଥିବାବେଳେ ଆଜି ୬ କୋଟିତମ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଗ୍ୟାସ୍ ବଣ୍ଟନ କରାଯାଇଛି। ଉଜ୍ଜ୍ୱଳା ଗ୍ୟାସ୍ ଗରିବଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ମହିଳା ସଶକ୍ତିକରଣର ଆଜି ମୁଖ୍ୟ ମାଧ୍ୟମ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରେ ଗରିବଙ୍କ ପାଇଁ ତାଙ୍କ ସରକାର ସମର୍ପିତ ବୋଲି କହିଥିଲେ। ସମସ୍ତଙ୍କୁ ସାଥିରେ ନେଇ କାମ କରିବାର ଯେଉଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ତାହା କାମରେ ପୂରଣ କରି ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ଯାହା କହିଥିଲେ ତାହା କରି ଦେଖାଇଲେ।





**ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଭା.ପ୍ର.ସେ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷା, ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼
**Smt. Guha Poonam Tapas Kumar, I.A.S**
**Collector cum Chairperson, DCC, Rayagada**



ଚଇତି ଆମ ଜିଲ୍ଲାର ସାମଗ୍ରିକ ସଂସ୍କୃତିକୁ ଅଧିକ ପ୍ରଚାର, ପ୍ରସାର କରିବାରେ ଏକ ବଳିଷ୍ଠ ମାଧ୍ୟମ। ଏହି ଉତ୍ସବ ଜରିଆରେ ଆମେ ପ୍ରତିଭା ପରିସ୍ଫୁଟନ, ପ୍ରତିଭା ସମ୍ବର୍ଦ୍ଧନା, ସାଂସ୍କୃତିକ ଭାବ ବିନିମୟ, କୁଟୀର ଶିଳ୍ପ ପାଇଁ ବଜାର ସୃଷ୍ଟି ଏବଂ ମନୋରଞ୍ଜନ ସହିତ ସର୍ବୋପରି ଏକତା ଓ ସଂହତି ରକ୍ଷା ଦିଗରେ ପରିବେଶ ତିଆରି କରିପାରିଛୁ। ରାୟଗଡ଼ା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ସହିତ ପ୍ରଧାନତଃ ଡଙ୍ଗରିଆ କନ୍ଧଙ୍କ ଅଦ୍ୱିତୀୟ କାପଡାଗୁଣ୍ଡା ଓ ଲାଞ୍ଜିଆ ସୌରାଙ୍କ ଇଡିତାଲ ଚିତ୍ର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚଇତି ମହୋତ୍ସବ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ପୁରୁଣା ବର୍ଷକୁ ବିଦାୟ ଦେବା ସହ ନୂତନ ବର୍ଷକୁ ସ୍ୱାଗତ କରିବାର ଉଲ୍ଲାସ ଆଣିଥାଏ ଚଇତି। ଏଣୁ ଜିଲ୍ଲାବାସୀ ସମସ୍ତଙ୍କୁ ନବବର୍ଷ-୨୦୧୯ର ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଛି।


# ବୃନ୍ଦାବନ କଳସଙ୍କୁ ‘ଅଟଳ ସମ୍ମାନ’



**ଭୁବନେଶ୍ୱର :** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୪ତମ ଜୟନ୍ତୀ ସମାରୋହ ଅବସରରେ ବିଜେପିର ପୂର୍ବତନ ନେତା ତଥା ବରିଷ୍ଠ ସମାଜସେବୀ ବୃନ୍ଦାବନ କଳସଙ୍କୁ ତୃତୀୟ ଅଟଳ ସମ୍ମାନ-୨୦୧୮ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶ୍ରୀ କଳସ ଜଣେ ସୁଦକ୍ଷ ଇଞ୍ଜିନିୟର ତଥା ଶିଳ୍ପଦ୍ୟୋଗୀ ଭାବେ ଓଡ଼ିଶାରେ ବେଶ୍ ଜଣାଶୁଣା। ରାଜ୍ୟରେ କାଗଜ କଳ ସ୍ଥାପନା କରି ସେ ଅନେକ ଶିଳ୍ପପତିମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ବିଜେପିର ରାଜ୍ୟ ଉପସଭାପତି ଭାବେ ଶ୍ରୀ କଳସ ଦାୟିତ୍ୱ ନେଇ ଦଳକୁ ସୁଦୃଢ଼ କରିବା ସହିତ କର୍ମୀମାନଙ୍କୁ ସଂଗଠିତ କରି ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ମହାବାତ୍ୟା ପରେ ଓଡ଼ିଶାରେ ବାଜପେୟୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ପରବର୍ତ୍ତୀ ସମୟରେ ପାରାଦୀପ ରିଫାଇନାରୀ, ଇଷ୍ଟକୋଷ୍ଟ ରେଲୱ୍ୱେ ଜୋନ୍, ଏମ୍ସ ମେଡିକାଲର ପ୍ରତିଷ୍ଠା, ସ୍ୱର୍ଣ୍ଣ ଚର୍ତୁଭୂଜ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମାଞ୍ଚଳର ଚେହେରା ବଦଳାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ବହୁତ ବଡ଼ ଭୂମିକା ଥିଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ତଥା ‘ସୁଶାସନ ଦିବସ’ ଅବସରରେ ସେ କହିଥିଲେ। ସେହିଭଳି ବିଶିଷ୍ଟ କବି ବିପିନ ରାଉତଙ୍କୁ ଦ୍ୱିତୀୟ ‘ଅଟଳ କବିତା ସମ୍ମାନ -୨୦୧୮’ ରେ ସମ୍ମାନିତ କରାଯାଇଛି । ବିଶିଷ୍ଟ ସମାଜସେବୀ ରମେଶ ଗାନ୍ଧୀଙ୍କୁ ଦ୍ୱିତୀୟ ‘ଅଟଳ ସମାଜସେବୀ ସମ୍ମାନ -୨୦୧୮’ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ ଭି ସିଂହଦେଓ, ସାଂସ୍କୃତିକ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ପଞ୍ଚାନନ ନାୟକ, ସଂଗୀତକାର ମନ୍ମଥ ମିଶ୍ର, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଅର୍ଚ୍ଚନା ବେହେରା ଓ ସଂଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତଃ ଅଟଳଜୀ ସାରା ବିଶ୍ୱର ଜନମାନସରେ ଥିଲେ, ଅଛନ୍ତି, ରହିବେ ଏବଂ ସବୁଦିନ ପାଇଁ ଅମର ରହିବେ ବୋଲି ରାଜ୍ୟ ସଭାପତି ଶ୍ରୀ ପଣ୍ଡା କହିଥିଲେ। ସାଧାରଣ ସଭା ପରେ ସନ୍ଧ୍ୟାରେ ବିଜେପି କାର୍ଯ୍ୟାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂଗୀତକାର ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, କ୍ରିଷ୍ଟାପ୍ରିୟା ମିଶ୍ର, ସେବାରାଣୀ ମହାପାତ୍ର, ପିଙ୍କି ପ୍ରଧାନ ପ୍ରମୁଖ ଅଟଳ ବିହାରୀ ବାଜପେୟୀଙ୍କ କବିତା ପରିବେଷଣ କରିଥିଲେ।

# ଉଦ୍‌ଯାପିତ ହେଲା ପଏଁରୀ ତିହାର




**ସୁବର୍ଣ୍ଣପୁର :** ନୂଆବର୍ଷ-୨୦୧୯କୁ ସ୍ୱାଗତ କରିବା ଅବସରରେ ଆରମ୍ଭ ହୋଇଛି ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ଗୀତର ମହାକୁମ୍ଭ ପଏଁରୀ ତିହାର-୨୦୧୯। ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ତରଫରୁ ଏହି ତିହାର ଦୀର୍ଘ ୧୯ ବର୍ଷ ହେବ ଇଂରାଜୀ ନୂଆବର୍ଷର ପ୍ରଥମ ଦିନରୁ ଆୟୋଜିତ ହୋଇଆସୁଛି। ପୂର୍ବରୁ କେବଳ ଗୋଟିଏ ଦିନ ଏହି କାର୍ଯ୍ୟକ୍ରମ ହୋଇଆସୁଥିଲାବେଳେ ବିଗତ ୪ ବର୍ଷ ହେବ ତିନି ଦିନ ଧରି ଲୋକଙ୍କୁ ମନୋରଞ୍ଜନ ଯୋଗାଇ ଦେଉଛି । ଚଳିତ ବର୍ଷ ପ୍ରଥମ ଦିବସର ଉଦ୍‌ଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ ସୁନାମଧନ୍ୟ ବରିଷ୍ଠ ବାଦ୍ୟଶିଳ୍ପୀ (କାରିଗର)ଗୋକୁଳ ମାଝୀ। କାର୍ଯ୍ୟକ୍ରମର ପ୍ରଥମ ସଂଧ୍ୟାରେ ଜିଲ୍ଲା ସଂସ୍କୃତି ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଲକ୍ଷ୍ମୀନାରାୟଣ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମେ ମାଁ ସୁରେଶ୍ୱରୀଙ୍କ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ପାମ୍ପରିକ ଲୋକନୃତ୍ୟର ଝଲକ ଦେଖିବାକୁ ମିଳିଥିଲା । ପରେ ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳମାନେ ନିଜର କଳା ପରିବେଷଣ କରିଥିଲେ। ସେହିପରି ସଧାରେ ଲୋକଗୀତ କାଯ୍ୟକ୍ରମରେ ସୁନାମଧନ୍ୟ କଂଠ ଶିଳ୍ପୀ ଶତ୍ରୁଘ୍ନ ଲୁହା, ଜିତେନ୍ଦ୍ର ମହାପାତ୍ର,ଗାୟତ୍ରୀ କୁମ୍ଭାର ଓ ମସ୍ତରାମ ସୁନା ଲୋକଗୀତ ପରିବେଷଣ କରିଥିଲେ । ପରେ ଆୟୋଜିତ ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ମଧୁସୁଦନ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଗଦାଧର ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଶୋକ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ଲଡୁକିଶୋର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସମ୍ପାଦକ ଚୈଧୁରୀ ବିଭାର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଟକ,ସୋନପୁର ପଏଁରୀ, ସୁଦୂର ମଧ୍ୟପ୍ରଦେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟ ଅତିଥିଭାବେ ନଗର ଉନ୍ନୟନ ଓ ଜଳ ଯୋଗାଣ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦର ପଦ୍ମନାଭ ପଣ୍ଡା, ଓଟିଭି ବ୍ୟୁରୋ ମନୋରଞ୍ଜନ ଯୋଶୀ, ଏସଟିଏନସ୍ ସ୍କୁଲ ପ୍ରିନ୍ସପାଲ ଜନ୍ ଜେସପ୍, ଡ. ଆଭାସ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ତୃତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ପିଡି, ଡିଆରଡିଏ ବିଶ୍ୱନାଥ ବାରିକ ଯୋଗ ଦେଇଥିବ ବେଳେ ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟନାରାୟଣ ଦାସ ପିଡି, ଡିଆରଡିଏ, ସୋନପୁର, ବିବେକାନନ୍ଦ କରକରା ସିଏସଓ, ସୋନପୁର, ତୁଳାରାମ କଲେତ୍, ପ୍ରଫୁଲ୍ଲ ରଥ, ନୀଳାମ୍ବର ଶଥପଥି ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ମାଧବ ଭୋଇ ଲୋକଗୀତିକାର, କଟକର ଗଙ୍ଗାଧର ଦାସ ଓ ସୁରେଶ ବଗର୍ତି ଲୋକବାଦ୍ୟକାରଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଳିବ ଇନସେଣ୍ଟିଭ୍

**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ତହସିଲରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରମାନେ ଏଣିକି ସେମାନେ ପାଉଥିବା ମାସିକ ପାରିଶ୍ରମିକ ରାଶି ସହିତ ଆଉ ୪ ହଜାର ଟଙ୍କାର ପ୍ରୋତ୍ସାହନ (ଇନ୍‌ସେଣ୍ଟିଭ୍) ରାଶି ପାଇବେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆଗତ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ବାବଦରେ ନିକଟ ଅତୀତରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ପରେ ଅର୍ଥମନ୍ତ୍ରୀ ଶ୍ରୀ ବେହେରା ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପ୍ରୋତ୍ସାହନ ରାଶିକୁ ଅନୁମୋଦନ କରିଛନ୍ତି। ଉକ୍ତ ବୈଠକରେ ଅର୍ଥମନ୍ତ୍ରୀଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। ଏଣିକି ତହସିଲରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରମାନେ ପୂର୍ବରୁ ପାଉଥିବା ମାସିକ ପାରିଶ୍ରମିକ ରାଶି ୮୮୮୦ ଟଙ୍କା ସହ ଅଧିକ ୪ ହଜାର ଟଙ୍କା ପ୍ରୋତ୍ସାହନ ରାଶି ବାବଦରେ ପାଇବେ। ଏହି ପ୍ରୋତ୍ସାହନ ରାଶି ତହସିଲ ଆଦାୟ କରୁଥିବା ୟୁଜର୍ସ ଫି’ରୁ ଭରଣା କରାଯିବ।

# କେବେ ଶେଷ ହେବ ବସ୍‌ଷ୍ଟାଣ୍ଡ କାମ

**ଥୁଆମୂଳ-ରାମପୁର,(ବିବିସିଏମ୍ ନାଏକ) :** ଥୁଆମୂଳ ରାମପୁର ଠାରେ ନିର୍ମାଣ ହେଉଥିବା ବସ୍‌ଷ୍ଟାଣ୍ଡ ଅତ୍ୟନ୍ତ ନିମ୍ନମାନ କାର୍ଯ୍ୟ ଯୋଗୁ ଛାତ ଭୁଷୁଡି ପଡିବାର ୯ ବର୍ଷ ଅତିକ୍ରମ ହେଲାଣି। ହେଲେ ଏହାର ପୁନଃନିର୍ମାଣ କାର୍ଯ୍ୟ ଏଯାଏ ଆରମ୍ଭ ହୋଇପାରିନାହିଁ। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପରେ ଏହି ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଗୋଟିଏ ନୂଆ ବସ୍‌ଷ୍ଟାଣ୍ଡ ଆରମ୍ଭରୁ ହିଁ ଅଟକି ରହିଲା। ସହରର ମୁଖ୍ୟ ରାସ୍ତା କଡରେ ଭୁଷୁଡି ପଡିଥିବା ଏହି ବସ୍‌ଷ୍ଟାଣ୍ଡ ପ୍ରତି ସତେଯେମିତି ସରକାରୀ ବାବୁ ଓ ଲୋକ ପ୍ରତିନିଧିମାନଙ୍କର ନଜର ପଡୁନାହିଁ। ପ୍ରତ୍ୟେକ ଦିନ ଏହି ରାସ୍ତାରେ ସବୁ ରାଜନୈତିକ ଦଳର ନେତା, କୁଜିନେତା, ଠିକାଦାର ଓ ପ୍ରଶାସନିକ ଅଧିକାରୀମାନେ ଯିବା ଆସିବା କରୁଥିଲେ ବି କେହି ଯେମିତି ଏହା ନିର୍ମାଣ ହେଉ ବୋଲି ଚାହୁଁ ନାହାନ୍ତି। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକ ଅଭିଯୋଗ କରୁଥିଲେ ବି ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ ପାଲଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତେବେଳେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା ସେତେବେଳେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର କେତେ ଟଙ୍କା ମଞ୍ଜୁର କରିଥିଲେ ଓ ଏହାର ବ୍ୟୟ ଅଟକଳ କେତେ ଥିଲା ସେ ସମ୍ପର୍କରେ କୌଣସି ସୂଚନା ଫଳକ ନାହିଁ। ଯେଉଁଥିପାଇଁ ଲୋକେ ଏହି ବସ୍‌ଷ୍ଟାଣ୍ଡର ନିର୍ମାଣକୁ ନେଇ ଏବେ ସନ୍ଦେହରେ ପଡିଛନ୍ତି। ଏନେଇ ‘ଏକମାତ୍ର’ର ସ୍ଥାନୀୟ ପ୍ରତିନିଧିଙ୍କୁ ଲୋକେ ଖବର ମାଧ୍ୟମରେ ସରକାରଙ୍କ ନିକଟରେ ଅଭିଯୋଗ ପହଞ୍ଚାଇବା ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନହେଲେ ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।




PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି